ସବୁଜ ପ୍ରହରୀ ଦିବଂଗତ ଯୋଗୀନାଥଙ୍କୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି

# ଆମ ଜଙ୍ଗଲ ଆମର



"ଗଛ ବିନା ବଞ୍ଚିବା ନାହିଁ..."

ପ୍ରସ୍ତୁତି RCDC
ସହାୟତା ICCO Innovative Change Collaborative
icco COOPERATION

## ଏ ସଂଖ୍ୟାରେ...


| | ପୃଷ୍ଠା |
|---|---|
| ➤ **ସମ୍ପାଦକୀୟ** | ୨ |
| ➤ **ବିଶେଷ ପ୍ରସଙ୍ଗ** ଯୋଗଜନ୍ମା 'ଯୋଗୀ' | ୩ |
| ➤ **ପ୍ରସଙ୍ଗ** ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ସରକାରୀ ଦାବି ବନାମ ବାସ୍ତବତା | ୯ |
| ➤ **ସମୂହ** | |
| ◆ ଲୋକଙ୍କୁ ମିଳିଲା ବାଉଁଶ ଜଙ୍ଗଲ ମାଲିକାନା | ୧୨ |
| ◆ ଲଣ୍ଡା ଡୁବୁରି ପାହାଡ଼ ଏବେ ସବୁଜିମାମୟ | ୧୪ |
| ➤ **ଆଲୋଚନା** | |
| ◆ ଜାଳେଣୀ ପାଇଁ ଭାଳେଣୀ | ୧୫ |
| ◆ ଦୁଃଖର ଦରିଆ | ୧୮ |
| ➤ **ବିତର୍କ** କ୍ୟାମେରା ଟ୍ରାପିଂ ଓ ବାଘ ଗଣତି ବିବାଦ | ୨୦ |
| ➤ **ଆଇନ୍‌କାନୁନ୍** ଜଙ୍ଗଲ ଅଧିକାର ଆଇନ ବନାମ ଅନ୍ୟାନ୍ୟ ଆଇନ | ୨୨ |





**ପ୍ରକାଶକ**
ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

**ସମ୍ପାଦନା ମଣ୍ଡଳୀ**
କୈଳାସ ଚନ୍ଦ୍ର ଦାଶ
ପ୍ରଭାତ କୁମାର ମିଶ୍ର
ଦିଲ୍ଲୀପ ସୁବୁଦ୍ଧି
ବିମଳ ପ୍ରସାଦ ପାଣ୍ଡିଆ
ଅମର କୁମାର ଗୌଡ଼
ରାମକୃଷ୍ଣ ମହାରଣା

**ଅକ୍ଷର ଓ ଅଙ୍ଗସଜ୍ଜା**
ଭାଗ୍ୟରଥି ସାହୁ


## ସମ୍ପାଦକୀୟ

# ସବୁଜ ସୈନିକ ଯୋଗୀନାଥଙ୍କୁ ଶ୍ରଦ୍ଧାଞ୍ଜଳି



ସବୁଜ ସୈନିକଙ୍କ ଜୀବନରେ ଯବନିକା ପଡ଼ିଛି । ଆରପାରିରେ ଏବେ ବୃଦ୍ଧ ଗ୍ରାମ ପରିବେଶର ପ୍ରହରୀ ଯୋଗୀନାଥ । ସତୁରି ଦଶକରେ ସେ ଆରମ୍ଭ କରିଥିବା ଅଭିଯାନ ଏବେ ବିଶ୍ୱବ୍ୟାପ୍ତ ।

ବୁଦ୍ଧ ପୂର୍ଣ୍ଣିମାର ପବିତ୍ର ତିଥିରେ ତାଙ୍କର ମହାପ୍ରୟାଣ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଜଙ୍ଗଲ ସୁରକ୍ଷାରେ ଗ୍ରାମଗୋଷ୍ଠୀଙ୍କ ଭୂମିକାକୁ ସେ ଯେପରି ଗୁରୁତ୍ୱ ଦେଉଥିଲେ ତାର ପଟାନ୍ତର ନାହିଁ । ଗଛପ୍ରାଣ ଯୋଗୀନାଥ ନିଜ ହାତରେ ଉତାରିଛନ୍ତି ଲକ୍ଷ ଲକ୍ଷ ଗଛ । ବିନା କାରଣରେ ଗଛଟିଏ ନଷ୍ଟ ନହେଉ ଏହାକୁ ସେ ମୂଳମନ୍ତ୍ର ମନେ କରି ଆସିଛନ୍ତି । ମୃତ୍ୟୁ ପରେ ତାଙ୍କ ମର ଶରୀରକୁ ନ ପୋଡ଼ି ସମାଧିସ୍ଥ କରିବା ତାଙ୍କର ଅନ୍ତିମ ଇଚ୍ଛା ଥିଲା । ଏହି ଅଲିଖିତ ଇଚ୍ଛାକୁ ଏବେ ସମ୍ମାନ ଦେଇଛନ୍ତି ତାଙ୍କ ପରିବାର ।

ମାଳତୀ ପାହାଡ଼ରେ ସବୁଜିମା ଫେରାଇ ଆଣି ଯୋଗୀନାଥ ଯେତିକି ଚର୍ଚ୍ଚିତ ହୋଇଛନ୍ତି ଠେଙ୍ଗାପାଳିର ପ୍ରବର୍ତ୍ତକ ଭାବେ ସେତିକି ଲୋକପ୍ରିୟତା ଅର୍ଜନ କରିଛନ୍ତି । 'ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ' ଗଠନ କରି ୫ଟି ପଞ୍ଚାୟତର ୨୨ଖଣ୍ଡ ଗ୍ରାମରେ ଶ୍ରମିକ ଯୋଗୀ ଭାବେ ସେବାଶ୍ରମ ଓ ତ୍ୟାଗପୂତ ଜୀବନାଦର୍ଶର ପ୍ରେରଣାଦାୟୀ ନିଷ୍କଳଙ୍କ ଚରିତ୍ରର ଛାପ ଛାଡ଼ି ଯାଇଛନ୍ତି । ପରବର୍ତ୍ତି ସମୟରେ ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘ ଗଠନ କରି ଗୋଷ୍ଠୀ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକର ଭୂମିକା ସଫଳତାର ସହ ନିର୍ବାହ କରି ପାର୍ଥିବ ଶରୀର ପରିତ୍ୟାଗ କରିଛନ୍ତି ।

ଏହି ମହାନ ସାଧକଙ୍କ ଆବର୍ତ୍ତମାନରେ 'ଆମ ଜଙ୍ଗଲ ଆମର' ପକ୍ଷରୁ ଶ୍ରଦ୍ଧାସୁମନ ଢ଼ାଳି ତାଙ୍କ ଦିବଂଗତ ଅମର ଆତ୍ମା ପ୍ରତି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ଯୋଗୀଙ୍କ ସ୍ୱପ୍ନ ଓ ସଂକଳ୍ପ ପଛରେ ନୟାଗଡ଼ବାସୀଙ୍କ ପୂର୍ଣ୍ଣ ସହଯୋଗ ରହିଆସିଛି । ପେଟରୁ କାଟି ଲୋକେ ଜଙ୍ଗଲ ପାଇଁ ମୁଠାଏ ଲେଖାଏଁ ଚାଉଳ ଦେଇ ଗଛକୁ ବଢ଼ାଇଛନ୍ତି, ଜଙ୍ଗଲର ଘଞ୍ଚତା ଫେରାଇ ଆଣିଛନ୍ତି । ଯେତେ ଚୁଲି ସେତେ ଚାଉଳ ଆଦାୟ ହୋଇଛି ଗାଁ ଗାଁରୁ । ଠେଙ୍ଗାପାଳି ପରି ଚୁଲିଚାନ୍ଦା ନୟାଗଡ଼ର ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ ଯୋଡ଼ିଛି ।

ହାତକୁ ହାତ ମିଶିଲେ ସବୁଜିମା- କହିଆସୁଥିଲେ ଯୋଗୀ ସାର୍ । ଗଛଟିଏ ରୋପିବା ପାଇଁ ସେ ପ୍ରାଣସ୍ପର୍ଶୀ ପାଦସ୍ପର୍ଶୀ ଅଭିଯାନ କରି ଅନେକଙ୍କ ଆଖି ଖୋଲି ଦେଇଛନ୍ତି । ପରିବେଶ ଓ ପ୍ରକୃତି ସଙ୍କଟଜନକ ସ୍ଥିତି ଦେଇ ଗତି କରୁଥିବା ବେଳେ ଏହି ସବୁଜ ସୈନିକଙ୍କ ନାରା ନିରବୀ ଯାଇଛି । ଆମ ପାଖରେ ସେ ସିନା ନାହାନ୍ତି, ହେଲେ ତାଙ୍କ ହାତ ତିଆରି ସଂଗଠନଗୁଡ଼ିକ ରହିଛି । ଏହି ସଂଗଠନଗୁଡ଼ିକ ଏକାଠି ହୋଇ ଠିଆ ହେଲେ ଯୋଗୀଙ୍କ ପ୍ରତି ହୋଇପାରିବ ଆମର ଅସଲ ଶ୍ରଦ୍ଧାଞ୍ଜଳି ।


**ଆମ ଠିକଣା**

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏଚ୍‌ଆଇଜି-୨୬, କେ-୬, ଫେଜ୍-୨, କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧୦୧୯ (ଓଡ଼ିଶା)
ଟେଲିଫାକ୍ସ:(୦୬୭୪) ୨୪୭୫୪୧୦, ୨୪୭୫୬୫୨
E-mail: rcdcbbsr@gmail.com, publications@rcdcindia.org, Website: www.rcdcindia.org, www.banajata.org

# ଯୋଗଜନ୍ମା 'ଯୋଗୀ'
## 'ପ୍ରଥମେ ଗଛ ଓ ଆଉ ସବୁ କଥା ପଛ' ଆଦର୍ଶରେ ଥିଲେ ଅବିଚଳିତ
## 'ଠେଙ୍ଗାପାଳି'ର ସୂତ୍ରଧର ସାଜି ପାଇଥିଲେ ସଫଳତା

ଯୋଗୀ ସାର୍ ଆଉ ନାହାନ୍ତି । ଚାଲି ଯାଇଛନ୍ତି ପରପାରିକୁ । ସ୍ତବ୍ଧ ହୋଇଯାଇଛି ନୟାଗଡ଼ । ଯୋଗୀସାର୍‌ଙ୍କ ଆବର୍ତ୍ତନମାନରେ ଝୁରୁଛି କେଶରପୁର । ନିଜଗାଁ ମାନପୁରବାସୀ ମନେ ପକାଉଛନ୍ତି ଯୋଗୀ ପରି ଜୀବନ ବିତାଇ ଆସିଥିବା ମାଟିର ମହକ ଯୋଗୀନାଥ ସାହୁଙ୍କ ଗୁଣାବଳୀକୁ । ଯୋଗୀସାର୍‌ଙ୍କ ପାର୍ଥିବ ଶରୀର ପ୍ରତି ଶେଷ ସମ୍ମାନ ତାଙ୍କ ଇଚ୍ଛାମତେ କରାଯାଇଛି । 'ପ୍ରଥମେ ଗଛ ଓ ଆଉ ସବୁ କଥା ପଛ' ବୋଲି ବିଶ୍ୱାସକୁ ବିଶ୍ୱସ୍ତରରେ ପହଞ୍ଚାଇଥିବା ଯୋଗୀଙ୍କୁ ସମାଧିସ୍ଥ କରାଯାଇଛି । ଲଣ୍ଡା ମାଳତୀ ପହାଡ଼ରେ ବୃକ୍ଷରୋପଣ, ଗାଧୁଆ ତୁଠରୁ ବ୍ୟବହୃତ ଦାନ୍ତ କାଠି ସଫେଇ, ନୟାଗଡର କାଳିକାପ୍ରସାଦ ଠାରେ ମେଡ଼ିକାଲ ପ୍ରତିଷ୍ଠା ପାଇଁ ମାସ ମାସ ପଦଯାତ୍ରାରେ ଗାଁମାନଙ୍କୁ ଯାଇ ଚାନ୍ଦା ସଂଗ୍ରହ, ଅଛବ ହରିଜନ ବସ୍ତି ସଫେଇ, ଅଗ୍ନି ବିପନ୍ନଙ୍କ ପାଇଁ ଚାନ୍ଦା ସଂଗ୍ରହ କରିବାକୁ ଯାଇ ଅନଶନ, କାଳିକା ପ୍ରସାଦ ମହିମା ଟୁଙ୍ଗୀରେ ବିଶ୍ୱନାଥ ବାବାଙ୍କ ସଂସ୍ପର୍ଶରେ ଆସି ଜୀବନ ବ୍ୟାପୀ ଯୋଗୀର ଜୀବନ ଜୀଇଁବାର ସଂକଳ୍ପବଦ୍ଧ ଏହି ସାଧକ ରାଜ୍ୟର ଜଙ୍ଗଲ ସୁରକ୍ଷା ଆନ୍ଦୋଳନର ଜଣେ ଛାମୁଆ କର୍ମୀ ଓ ସଂଗଠକ । ତାଙ୍କର ବିୟୋଗରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ମହାନ ସାଧକଙ୍କ ପାଇଁ 'ଆମ ଜଙ୍ଗଲ ଆମର' ପକ୍ଷରୁ ଅର୍ପଣ କରୁଛୁ ଶ୍ରଦ୍ଧାଞ୍ଜଳୀ ।

### ଯମକୁ ଡରି ମା' ଦେଇଥିଲେ ନାମ 'ଯୋଗୀ'

ରଣସିଂହ ପରିବାରରେ ସନ୍ତାନଟିଏ ଜନ୍ମ ହେଲେ ଡରଥିଲା ଯମକୁ । ଜାନୁଆରୀ ୧, ୧୯୪୭ରେ ବ୍ରଜବନ୍ଧୁ ସାହୁଙ୍କ ଔରସରୁ ଓ ମାତା ସୀତା ଦେବୀଙ୍କ ଗର୍ଭରୁ ଯେତେବେଳେ ପୁତ୍ର ସନ୍ତାନର ପ୍ରଥମ କ୍ରନ୍ଦନ ଶୁଣାଗଲା ପୁରା ରଣସିଂହ ପରିବାର ପିଲାଟିକୁ କିଭଳି ବଞ୍ଚାଇ ରଖିବେ ସେ ଚେଷ୍ଟାରେ ଲାଗିପଡ଼ିଥିଲେ ।

ଏନ୍ତୁଡ଼ିଶାଳରେ ପିଲାଟି ଆକ୍ରାନ୍ତ ହୁଏ ବସନ୍ତ ରୋଗରେ । ଜୀବନର ଆଶା ଛାଡ଼ିଦେଇଥାଆନ୍ତି ପିଲାଟିର ଜେଜେ ବିଶିଷ୍ଟ ବୈଦ୍ୟ ଭାବେ ସୁନାମ ଅର୍ଜିଥିବା ଉତ୍ସବ ଚରଣ ସିଂହ । ପିଲାଟିର ବୋଉ କଅଁଳିଆ କଦଳୀପତ୍ରରେ ଶୁଆଇ କାନିରେ ବିଞ୍ଚି ବିଞ୍ଚି ବଞ୍ଚାଇ ରଖିଲା । ପିଲାଟିର ଉପର ଦୁଇ ଭାଇଙ୍କ ଜୀବନହାନୀ ଘଟିଥିବାର ପ୍ରମାଦ ଗଣୁଥିବା ମା' ପିଲାଟିର ନାଁ ଯୋଗୀ ରଖି ବଡ଼ ହେଲେ ଯୋଗୀ ଜୀବନ ଜୀଇଁବ ବୋଲି ଉତ୍ସର୍ଗ କରି ଦେଇଥିଲେ । ଏହି ପିଲା ଯୋଗୀ ନାଥ ସାହୁ ବଡ଼ହୋଇ ନାଁ ଅର୍ଜିଲେ ।






### ବାଲ୍ୟ ଚପଳାମୀ ବି ଥିଲା ଗଠନ ମୂଳକ

ବଡ଼ ହୋଇ ପାଠ ପଢ଼ିବାକୁ ଗଲେ ଯୋଗୀ । ସାଙ୍ଗ ମେଳରେ ଖେଳ ବୁଲା ପ୍ରତି ବେଶୀ ଧ୍ୟାନ ଦେଉଥିଲେ । ଯୋଗୀଙ୍କର ବାଲ୍ୟ ଚପଳାମୀ ଆଶ୍ଚର୍ଯ୍ୟ ଚକିତ କରିଦେଲାଭଳି । ଭାଙ୍ଗିବା ଅପେକ୍ଷା ଗଢ଼ିବା ସଉକ ଓ ଝୁଙ୍କ୍ ପ୍ରବଳ ମାତ୍ରାରେ ଥିଲା ତାଙ୍କର । ସମୂହ ବଗିଚା, ବୃକ୍ଷ ପୂଜା, ଗାଁ ରାସ୍ତା ସଫେଇ, ଘରପୋଡ଼ି ବିପନ୍ନମାନଙ୍କୁ ସହାୟତା ପାଇଁ ପୁରୁଣା ବହି, ଛାଞ୍ଚୁଣୀ, ପହଁରା, ଛତା, ନୂଆ ଗାମୁଛା ମାଗି ପୀଡ଼ିତଙ୍କୁ ଦେବା ସେ ପିଲାଦିନୁ କରୁଥିଲେ । ଧାନ କ୍ଷେତରେ ଧାନ କେଣ୍ଡା ସଂଗ୍ରହ କରି ତାକୁ ବିକି ସେ ଯେଉଁ ଅର୍ଥ ପାଉଥିଲେ ତାହା ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରି ସେ ଅର୍ଥରେ ପୁରସ୍କାର କିଣି ଆଣି ଦେଉଥିଲେ ।

### ଅଧୁରା ରହିଲା ଆତ୍ମଜୀବନୀ

ଅପ୍ରିଲ ୪ତାରିଖ ସୋମବାର ବୁଦ୍ଧ ପୂର୍ଣ୍ଣିମାର ପବିତ୍ର ତିଥିରେ ଯୋଗୀନ୍ଦ୍ର ସାହୁଙ୍କ ପରଲୋକ ଆକସ୍ମିକ ଭାବେ ଘଟିଲା । କୌଣସି ଏକ କାମରେ ଭୁବନେଶ୍ୱର ଆସି ସେ ଅସୁସ୍ଥତା ଅନୁଭବ କରିଥିଲେ । ଏକ ଘରୋଇ ହସ୍‌ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ମାତ୍ର ୬୯ ବର୍ଷ ବୟସରେ ତାଙ୍କ ଜୀବନର ନାଟକୀୟ ଅବସାନ ଘଟିଲା । ବିଗତ କିଛି ବର୍ଷ ଧରି ସେ ନିଜର ଆତ୍ମଜୀବନୀ ଲେଖୁଥିଲେ । ନିବିଡ଼ ଭାବେ

ଭଲପାଉଥିବା ରବି ପରିଡ଼ାଙ୍କୁ ଏଥିରେ ସାହାଯ୍ୟ କରିବାକୁ କହିଥିଲେ, କିନ୍ତୁ ଈଶ୍ୱରଙ୍କ ଇଚ୍ଛା ବୋଧେ ଭିନ୍ନ ଥିଲା । ରବି ପରିଡ଼ା ନିଜର କର୍ମସ୍ଥାନ ନୂଆପଡ଼ା ଚାଲିଯିବା ପରେ ଯୋଗୀଙ୍କ ଆତ୍ମଜୀବନୀ ଲେଖା ଦୁଇଟି ପରିଚ୍ଛେଦ ୪୮ପୃଷ୍ଠା ଭିତରେ ଅଟକି ରହିଗଲା । ବାଲ୍ୟ, କୈଶୋର, ଯୌବନର ଚପଳାମୀ, ଶିକ୍ଷା ସଂସ୍କାର, ସମାଜସେବୀ, କଲେଜ ଜୀବନ, ସଂଗଠନ ଗଠନ ଆଦି ପ୍ରସଙ୍ଗଗୁଡ଼ିକ ଲେଖା ସରିଥିଲେ ହେଁ ପୂର୍ଣ୍ଣାଙ୍ଗ ଜୀବନୀ ଲେଖା ହୋଇପାରିନାହିଁ । ଯୋଗୀଙ୍କ ପରଲୋକ ଗମନ ପରେ ରବିଙ୍କ ଜରିଆରେ ଆମ ପାଖରେ ପହଞ୍ଚି ଥିଲା ପାଣ୍ଡୁଲିପିର କିୟଦଂଶ । ଯୋଗୀଙ୍କ ବିଦ୍ୟାଳୟ ସ୍ମୃତି କିପରି ଥିଲା ତାହା ସେ ନିଜେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ତାଙ୍କୁ ଭଲପାଉଥିବା ପ୍ରତ୍ୟେକଙ୍କ ପାଇଁ ଅବିକଳ ତାଙ୍କର ରଚନା ଉପସ୍ଥାପନା କରୁଛୁ ।

### ସ୍କୁଲର ସ୍ମୃତି

ଗାଁ ପ୍ରାଥମିକ ସ୍କୁଲ ଚାଳ ଘରେ ଚାଲୁଥିଲା । ଶନିବାର ଦିନ ଘର ଲିପା, ଅନ୍ୟ ଦିନରେ ପାଠ ପଢ଼ା ସହ ପିଆଜ, ଟମାଟୋ, ରସୁଣ, ଜହ୍ନି, ଭେଣ୍ଡି, ଖଡ଼ା ଆଦି ଫସଲ ପାଇଁ ମାଟି ଆଟିକାରେ ଦୁଇଜଣ ଲେଖାଏଁ ପୋଖରୀରୁ ପାଣି ବୋହି ଦେବା କାର୍ଯ୍ୟ କରୁଥିଲୁ । ବିଦ୍ୟାଳୟରେ ପ୍ରତିବର୍ଷ ଖେଳ କସରତ ପ୍ରତିଯେଗିତା, ବାର୍ଷିକ ଉତ୍ସବ ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନିଶ୍ଚିତ ହେଉଥିଲା । ଶିକ୍ଷକମାନେ ପାଦରେ ଚାଲି ଚାଲି ହାତରେ ଛତା ଧରି ଖରା ବର୍ଷା ଶୀତକୁ ଖାତିରି ନକରି ଠିକ୍ ସମୟରେ ଆସୁଥିଲେ । ଶନିବାର ଦିନ ଚଦର ଘୋଡ଼ି ହୋଇ ସୂର୍ଯ୍ୟ ଉଦୟ ପୂର୍ବରୁ ଶିକ୍ଷକମାନେ ୨ କି.ମି. ଠାରୁ ୧୦ କି.ମି. ବାଟ ଚାଲି ସ୍କୁଲକୁ ଆସୁଥିଲେ । ହେଡ଼ ପଣ୍ଡିତଙ୍କୁ ସମସ୍ତଙ୍କର ଭୟ ଓ ସମ୍ମାନ ଥିଲା । ସ୍କୁଲ ପରିଦର୍ଶକ ଆସିବା ଖବର ମିଳିଲେ ସମସ୍ତେ ଚଳଚଞ୍ଚଳ ହୋଇ ଉଠୁଥିଲେ । ଆମେ କନା ବସ୍ତାନୀରେ ସ୍ଲେଟ୍, ଖାତା ସହ ହାତରେ କାଳୀ ଦୁଆତ ନେଉଥିଲୁ । ମୁନ ବା କାଠି କଲମରେ ଲେଖୁଥିଲୁ । ଆମ ବାପା ପକ୍ଷୀ (ପର) କଲମରେ ଲେଖୁଥିଲେ । ବୁଢ଼ା ବାପା ମୁଣ୍ଡା ଖଡ଼ିରେ ତଳେ ଲେଖୁଥିଲେ । ଶିକ୍ଷକ ସର୍ବେଶ୍ୱର ମହାପାତ୍ର-ଗଣିତ, ଭଗବାନ ପଟ୍ଟନାୟକ-ସାହିତ୍ୟ, ଭବାନୀ ଚରଣ ପଟ୍ଟନାୟକ-ସାଂସ୍କୃତିକ ଓ ବଗିଚା, ମାଧବ ଚନ୍ଦ୍ର ମିଶ୍ର-ସଫେଇ, ପ୍ରାର୍ଥନା ଓ ଶୃଙ୍ଖଳା, ବାଞ୍ଛାନିଧି ପଟ୍ଟନାୟକ-ଭୂଗୋଳ ଓ ଇତିହାସ ପଢ଼ାଉଥିଲେ । ତକଡ଼ିରେ ସୂତାକଟା ତୁଳାରେ ପିଞ୍ଜୁବୋଲା, ନଟେଇରେ ସୂତା ଗୁଡ଼ାଇବା କାର୍ଯ୍ୟ ହେଉଥିଲା । ସରସ୍ୱତୀ ପୂଜା ଓ ଗଣେଷ ପୂଜାରେ ଗହମ ଉଖୁଡ଼ା ଓ ଆମ୍ବୁଲ ରାଇରେ ଭୋଜି ହେଉଥିଲା, ଗାଁ ଲୋକେ ନଡ଼ା ଆଦାୟ କରି ସ୍କୁଲ ଘର ଛପର କରୁଥିଲେ । ସ୍କୁଲରୁ ଫେରିବା ପରେ ଆମ ବୃନ୍ଦାବନ, ଶୁକୁଟା, ଚନ୍ଦ୍ର ଓ ଗାଣ୍ଡୁଆ ମିଶି ପାଲା ଓ ଦାଶକାଠିଆ ଦଳ ଗଢ଼ି ଅଭିନୟ କରୁଥିଲେ । ବାଡ଼ିପଟେ ମଞ୍ଚସ୍ଥ କରୁଥିଲେ ରାମନାଟକ ।



### ମାଟ୍ରିକ ପାସ୍ ବେଳେ ଖବର କାଗଜରେ ବାହାରିଥିଲା ନାଁ

୧୯୬୫ ମସିହାରେ ବ୍ରଜେନ୍ଦ୍ର ହାଇସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ପାସ୍ ହୋଇଥିଲେ ଯୋଗୀ । ତାଙ୍କର ନାଁ ଖବର କାଗଜରେ ବାହାରିଥିଲା । ଗାଁ ପୋଖରୀର ମହିଳା ତୁଠରୁ ଦାନ୍ତକାଠି ସଫା କରୁଥିବା ବେଳେ ଏ ଖବର ପାଇ ସେ ଖୁସିରେ ନାଚିଯାଇଥିଲେ । ସବୁ ପରୀକ୍ଷାରେ ଫଳ ପ୍ରକାଶ ପରେ ତାଙ୍କର ମା' ଯାହା କରନ୍ତି ତାହା କଲେ । ଗାଁର ଦକ୍ଷିଣକାଳୀ ମନ୍ଦିରରେ କାକରା ଓ ଗାଁ ଠାକୁରାଣୀ ମନ୍ଦିରରେ ଚୁଡ଼ାଘସା ଭୋଗ ଲଗାଇଲେ । ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ ପାସ୍ ପରେ ବିଜ୍ଞାନ ବିଷୟ ନେଇ ପଢ଼ିବାକୁ ଅରାଜି ଥିବା ଯୋଗୀ ଅଧକ୍ଷଙ୍କ ପ୍ରବର୍ତ୍ତନାରେ ବିଜ୍ଞାନରେ ପ୍ରିୟୁନିଭରସିଟି ଶିକ୍ଷା ସମାପ୍ତ କରି ନିଯୁକ୍ତି ଅପେକ୍ଷାରେ ରହିଲେ ।

### ଯୋଗୀ ହିଁ ଯୋଗ୍ୟ : ଡାକି କରି ଦେଇଥିଲେ ଚାକିରୀ

ଲଟେରୀରୁ ପ୍ରଥମ ପୁରସ୍କାର ଭାବେ ପେଟ୍ରୋମାକ୍ସ ଲାଇଟ୍ ପୁରସ୍କାର ପାଇବା ପରେ ସଭା ମଞ୍ଚ ଉପରେ ଏକ ପାଠାଗାର ପାଇଁ ଦାନ କରିଦେଇଥିଲେ ଯୋଗୀ । ଏ ଖବର କେଶରପୁର ଅଂଚଳରେ ବ୍ୟାପି ଯାଇଥିଲା । ଗାଁରେ ହୀରକ ଜ୍ୟୋତି ଶିଶୁ ରାଇଜ ଗଢ଼ି ଓଡ଼ଗାଁ ପଞ୍ଚରିଡ଼ାମାନପୁର ଗାଁର ଅଗ୍ନି ବିପନ୍ନଙ୍କ ପାଇଁ ଗାଁ ଗାଁ ବୁଲି ଲୁଗା, ଚାଉଳ, ଚୂଡ଼ା ମାଗି ଦେଇଥିବା ଖବର ଆଣିଦେଇଥିଲା ସୁନାମ । ଏସବୁ ଗୁଣ ପାଇଁ କେଶରପୁର ଗାଁର ନୂଆ ଗଢ଼ି ଉଠିଥିବା ବିଦ୍ୟାଳୟର ଶିକ୍ଷକମାନେ ଯୋଗୀ ହିଁ ଯୋଗ୍ୟ ବୋଲି କମିଟି ନେଇଥିଲା ନିଷ୍ପତ୍ତି । ହରିହର ପ୍ରଧାନ, ଲିଙ୍ଗରାଜ ହଜାରୀ, ଭିକ୍ଷାକାରୀ ହଜାରୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗୀଙ୍କୁ ଶିକ୍ଷକ ଚାକିରୀ ଡାକିକରି ଦେଇଥିଲେ । ମାସିକ ୭୦ଟଙ୍କା ଦରମାରେ ଯୋଗୀଙ୍କ ପ୍ରଥମ ଚାକିରୀ ଜୀବନ ଆରମ୍ଭ ହୋଇଥିଲା କେଶରପୁର ମାଧମିକ ବିଦ୍ୟାଳୟରେ ।

### ସେ ଥିଲେ ଶ୍ରମର ଯୋଗସିଦ୍ଧ ସବ୍ୟସାଚୀ

ପ୍ରକୃତିର ଖୁନ୍ଦିଲା ଯୌବନ ଭିତରେ ଯୋଗୀନାଥଙ୍କ ବାଲ୍ୟକାଳ କଟିଥିଲା । ବିଞ୍ଝଗିରି ପାହାଡ଼ର ଜରାଜୀର୍ଣ୍ଣ ଆହତ ରୂପ ତାଙ୍କ ମନକୁ

କରିଥିଲା ଆନ୍ଦୋଳିତ । ବ୍ରଜେନ୍ଦ୍ର ହାଇସ୍କୁଲରେ ପାଠ ପଢ଼ିବା ବେଳେ ପୋଖରୀ ତୁଠରୁ ଦାନ୍ତକାଠି ସଫା କରିବା ଭଳି ଛୋଟ ଛୋଟ କାମ କରି ବଡ଼ ବଡ଼ ଲୋକଙ୍କ ନଜରକୁ ଆସିଥିଲେ । ୧୯୬୪ ମସିହାରେ ଓଡ଼ଗାଁ ବ୍ଲକର ପଞ୍ଚରିଡ଼ା ମାନପୁର ଗାଁରେ ଘଟିଥିବା ଭୟାଭୟ ଅଗ୍ନିକାଣ୍ଡ ବିଷୟରେ ଜାଣି ବିପନ୍ନଙ୍କ ପାଇଁ ଗାଁକୁ ଗାଁ ବୁଲି ନୂଆ ଗାମୁଛା ପୁରୁଣା ବହି କୁଲା ଛାଞ୍ଚୁଣୀ ସଂଗ୍ରହ କରି ପାଦରେ ଚାଲି ଚାଲି ଯାଇ ସେ ଗାଁରେ ବାଣ୍ଟି ଆସିଥିଲେ । ୧୯୫୯ ମସିହା ବେଳକୁ ରାଜପାଟଣା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପାଠ ପଢୁଥିବାବେଳେ କଟାଯାଇଥିବା ଧାନ ବିଲରୁ ଧାନ କେଣ୍ଡାମାନ ଗୋଟାଇ ତାକୁ ବିକ୍ରୀ କରି କିଣୁଥିଲେ ଖାତା ଆଉ ପର କଲମ । ପ୍ରତିଯୋଗିତା ଆୟୋଜନ କରି ଏଗୁଡ଼ିକୁ ପୁରସ୍କାର ଆକାରରେ ପିଲାଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ ଯୋଗୀନାଥ । ୧୯୬୪ ମସିହାରେ ନିଜେ ଏକ ପାଠାଗାର ପ୍ରତିଷ୍ଠା ପାଇଁ ହେଉଥିବା ଲଟେରୀରେ ଭାଗ ନେଇ ପ୍ରଥମ ପୁରସ୍କାର ରୂପେ ପାଇଥିବା ପେଟ୍ରୋମାକ୍ସ ଲାଇଟ୍‌କୁ ସେହି ମଞ୍ଚ ଉପରେ ଦାନ କରିଥିଲେ ପାଠାଗାରକୁ । ବନ୍ଧୁ ପରିଜନ ସବୁ ଯୋଗୀନାଥଙ୍କୁ ଲାଇଟ୍ କାହିଁକି ଦେଲୁ ବୋଲି କହୁଥିବାବେଳେ ମା' କିନ୍ତୁ ବେଶ୍ ଖୁସି ହୋଇଥିଲେ ଯୋଗୀର ତ୍ୟାଗପୂତ ଜୀବନଚର୍ଯ୍ୟା ଦେଖି । ୧୯୮୨ରେ ଗାଁକୁ ଗାଁ ବୁଲି କାଳିକାପ୍ରସାଦରେ ଏକ ଡାକ୍ତରଖାନା ନିର୍ମାଣ ପାଇଁ ଚାନ୍ଦା ସଂଗ୍ରହରେ ଅଗ୍ରଣୀ ଭୂମିକା ନେଇଥିଲେ । ଦିନ ସାରା ଗାଁକୁ ଗାଁ ବୁଲିବା ଏବଂ ସଂଧ୍ୟା ହେଲେ ଏକ ୧୦ ଜଣିଆ ଦଳର ବୈଠକ ଆୟୋଜନ କରିବା ଯୋଗୀଙ୍କର ଏକ ନିତିଦିନିଆ କାମ ଥିଲା ସେ ସମୟରେ । ଶଙ୍କର ଭଟ୍ଟ, ରାଧାକାନ୍ତ ସାହୁ ଲକ୍ଷ୍ମଣ ଜେନା, ଘନ ପୃଷ୍ଟି, ପରେଶ୍ୱର ମହାପାତ୍ରଙ୍କ ସହ ମିଶି ସେ ଦାନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବାରେ ସଫଳ ମଧ୍ୟ ହୋଇଥିଲେ । ବିଙ୍ଗିରିର ବିମ୍ବାଧର ମହାରଣା ପ୍ରଥମେ ୫୦୦ ଟଙ୍କା ଦାନ ଦେବାପରେ ଏ ପରିମାଣ ବଢ଼ି ଚାଲିଲା । ପ୍ରଫେସର ସତ୍ୟବାଦୀ ହଜାରୀ ଶୁଭ ଦେଲେ । ଶ୍ରମିକମାନଙ୍କ ପାଇଁ ମଜୁରୀ ଦେବାକୁ ଅର୍ଥର ଅଭାବ ପଡ଼ିଲା । ଯୋଗୀନାଥ ଆଖ ପାଖ ବିଦ୍ୟାଳୟର ପିଲାମାନଙ୍କୁ ବୁଝାଇ ସେମାନଙ୍କ ଜରିଆରେ ଛୋଟ ଛୋଟ କାମ ମାନ କରାଇଥିଲେ । ଜାତୀୟ ସେବା ସଂସ୍ଥାର ୨୦୦ ଛାତ୍ରଛାତ୍ରୀ କାଳିକାପ୍ରସାଦରେ ଶିବିର କରି ମେଡିକାଲ ଗୃହର ପୁନାଦି ଖୋଳିବା କାମ ଆରମ୍ଭ କଲେ । ଶେଷରେ ଡାକ୍ତରଖାନା ଗୃହ ଓ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ହେଲା । ସେତେବେଳର ସ୍ୱାସ୍ଥ୍ୟମନ୍ତ୍ରୀ ହରିହର କରଣ ଏହାର ଉଦ୍‌ଘାଟନ କରିଥିଲେ । ଅମୀୟ ମିଶ୍ର ନାମକ ଜଣେ ଯୁବକ ଡାକ୍ତର ଭାବେ ଯୋଗ ଦେଇଥିଲେ ।

## କର୍ମ ଓ ସ୍ୱପ୍ନମୟ ଜୀବନ

କେଶରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା ତାଙ୍କ ଶିକ୍ଷକ ଜୀବନର ଆଦ୍ୟ ଖଡ଼ିପାଠ । ଗଛ ଲଗା, ପିଲାଙ୍କୁ ଯୋଗାସନ ଶିକ୍ଷା, ଗ୍ରାମ୍ୟ ସଫେଇ, ଅଛବ ହରିଜନ ବସ୍ତିର କାମରେ ତାଙ୍କର ନିଷ୍ଠା ବାରି ହୋଇପଡୁଥିଲା । ସ୍କୁଲ ପାଠାଗାରରୁ ମହାମନିଷୀଙ୍କ ଆତ୍ମଜୀବନୀ ପୁସ୍ତକମାନ ପଢ଼ି ସେ ଯେଉଁ ଶକ୍ତି ପାଉଥିଲେ ତାକୁ ବିନିଯୋଗ କରୁଥିଲେ ନିଜର ଆଚରଣ ଓ ଉଚ୍ଚାରଣରେ । ଧୋତି କୁରୁତା ପିନ୍ଧି ଓ ଛତାଟିଏ ଧରି ଚାଲି ଚାଲି ଯୋଗୀ କେଶରପୁର ସ୍କୁଲରେ ପହଞ୍ଚୁଥିଲେ । କେବେ ବି ବିଳମ୍ବରେ ପହଞ୍ଚୁନଥିବା ଯୋଗୀଙ୍କ ମନ ଥାଏ ବିଦ୍ୟାଳୟରେ ଶୀଘ୍ର ପହଞ୍ଚି ସ୍କୁଲକୁ ଦାନ ଆକାରରେ ମିଳିଥିବା ମଧୁସୂଦନ ଲାଇବ୍ରେରୀକୁ ସଜାଡ଼ିବା ଆଉ ଦୈନିକ ୪/୫ ଖଣ୍ଡ ପୁସ୍ତକ ପଢ଼ିବା ସହ ପିଲାଙ୍କୁ ପଢ଼େଇବା ଆଉ ଗଢ଼ିବା । ସ୍କୁଲରେ ଥିବା କେତେକ ଶିକ୍ଷକ କିନ୍ତୁ ଏସବୁ ଚାହୁଁନଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଜାତିରେ ବ୍ରାହ୍ମଣ ହୋଇଥିବାରୁ ଜାତିଆଣ ଭେଦଭାବ ଉପରେ ଗୁରୁତ୍ୱ ଦେଉଥିଲେ । ହରିଜନ ପିଲା ଭୋଜିଭାତରେ ମିଶିଲେ ତାଙ୍କ ଚାଉଳ ଗ୍ରହଣ ନକରିବା, ପାଣି ନଆଣିବା, ଇତ୍ୟାଦି ଉପରେ ଜୋର ଦେଉଥିଲେ । ବିଦ୍ୟାଳୟର ପିଅନମାନେ ମଧ୍ୟ ଏପରି ମନୋଭାବ ରଖିଥିଲେ । ଥରେ ନୟାଗଡ଼ ବ୍ଲକ୍‌ରୁ ସମାଜ ମଙ୍ଗଳ ଅଧିକାରୀ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ଜାତିରେ ସେ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ତାଙ୍କୁ ସ୍କୁଲ ପ୍ଲେଟରେ ଜଳଖିଆ ଦେଇ ତାଙ୍କ ଫେରିବା ପରେ ପ୍ଲେଟଟିକୁ ଭାଙ୍ଗିଦେବା ପାଇଁ ବିଦ୍ୟାଳୟରେ ନିୟୋଜିତ ଦୁଇ ବ୍ରାହ୍ମଣ ଓ ବାରିକ ପିଅନ ନିଷ୍ପତ୍ତି ନେଇଥିଲେ । ସଂପୃକ୍ତ ଅଧିକାରୀ ଜଳଖିଆ ଖାଇସାରିବା ପରେ ଯୋଗୀନାଥ ପ୍ଲେଟଟିକୁ ସେମାନେ ଭାଙ୍ଗୁଥିବା ଅବସ୍ଥାରେ ଉଦ୍ଧାର କରି ସଫା କରି ଆଲମିରାରେ ରଖିଲେ । ପିଅନମାନେ ପ୍ରତିବାଦ କରିଥିଲେ । 'ଭିନ୍ନ ଜାତିର ଲୋକ ଏ ପ୍ଲେଟରେ ଖାଇଛି, ଏବେ ଏହା ରହିଲେ ଏଥିରେ କିଏ ଆଉ ଖାଇବ' ବୋଲି ସେମାନଙ୍କ ପ୍ରଶ୍ନରେ ଯୋଗୀନାଥ କହିଥିଲେ 'ଏହି ପ୍ଲେଟ ଏଣିକି ମୋତେ ହିଁ ଦେବ' । ସେ ଦିନ ଠାରୁ ଯୋଗୀନାଥ ସେଥିରେ ଖାଇଲେ ଓ ଆସ୍ତେ ଆସ୍ତେ ଲୋକଙ୍କ ହୃଦୟରେ ବଡ଼ ହୋଇରହିବା ଆରମ୍ଭ କଲେ ।



ଇଂଲଣ୍ଡର ହାମ୍‌ସାୟାରରେ ପୁସ୍ତକ ଉନ୍ମୋଚନ ପରେ ଡିଲେନ୍‌ଙ୍କ ପରିବାର ସହ ଶ୍ରମିକ ଯୋଗୀ

> ନିଜ ଶ୍ରମ, ତ୍ୟାଗ, ନମ୍ରତା, ଆନ୍ତରିକତାରେ ସେ ଏତେ ଉପରକୁ ଉଠିଗଲେ ଯେ ଲୋକେ ତାଙ୍କୁ ଶ୍ରଦ୍ଧାରେ ଡାକିଲେ 'ଶ୍ରମୀକ ଯୋଗୀ' ।

ତାଙ୍କ ଭାବନା ଆନ୍ତରିକତାର ଫଳଶ୍ରୁତି ସ୍ୱରୂପ ୧୯୭୨ରେ ଆରମ୍ଭ ହୋଇଥିଲା ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ । ସମଗ୍ର ଅଞ୍ଚଳରେ ନୂଆ ନାଁ ହେଲା ବୁଦ୍ଧଗ୍ରାମ । ବୁଦ୍ଧ ଗ୍ରାମର ପରିବେଶ ଅନ୍ଦୋଳନ ରାଜ୍ୟ, ଦେଶ ତଥା ପାଶ୍ଚାତ୍ୟ ଦେଶଗୁଡ଼ିକ

ପାଖରେ ପହଞ୍ଚାଇଥିଲେ ଏହି ସବୁଜ ସନ୍ୟାସୀ ଯୋଗୀନାଥ ।



### ବୃକ୍ଷ ଗ୍ରାମର ପରିବେଶ ଆନ୍ଦୋଳନ

ଆରମ୍ଭ ହେଲା ବହୁବିଧ ଅଭିନବ, ଅନ୍ତରଙ୍ଗ ପରୀକ୍ଷା ନୀରିକ୍ଷା । କ୍ରମେ ଏ ପ୍ରକ୍ରିୟା ରୂପରେଖ ନେଲା ଏକ ବିଶାଳ ପରିବେଶ ଆନ୍ଦୋଳନରେ । ୧୯୮୨ମସିହାରେ ପ୍ରଫେସର ରାଧାମୋହନ, ଭଗବାନ ପ୍ରକାଶଙ୍କ ସହଯୋଗକ୍ରମେ ୫ଟି ଗ୍ରାମ ପଞ୍ଚାୟତରେ ୨୨ଖଣ୍ଡ ଗ୍ରାମବାସୀଙ୍କୁ ସଂଶ୍ଳିଷ୍ଟ କରାଇ ଆରମ୍ଭ କରାଗଲା ନୂଆ ଏକ ସଂଗଠନ । ଯୋଗୀନାଥ ସଂଗଠନର ନାଁ ରଖିଥିଲେ 'ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ' । ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ ଗଠନର ୪ବର୍ଷ ପୂର୍ବରୁ ୧୯୭୮ ମସିହାରେ ପ୍ରଫେସର ନାରାୟଣ ହଜାରେଙ୍କ ସହ ମିଶି ସେ ଲଣ୍ଡା ମାଳତୀ ପାହାଡ଼ର ସବୁଜିମା ଫେରାଇ ଆଣିଥିଲେ । ଉଦୟନାଥ ଖଟେଇ, ଭିକ୍ଷାକାରୀ ହଜାରୀ, ଏନ୍‌ଏସ୍‌ଏସ୍ ଅଧିକାରୀ ଯନ୍ତ୍ରଣା ପରୀକ୍ଷିତ (ପରୀକ୍ଷିତ ନନ୍ଦ), ନକୁଳ ରଥଙ୍କ ଉଦ୍ୟମ ସଫଳ ହେଲା । ନୟାଗଡ଼ର ତତ୍କାଳୀନ ବନବିଭାଗ ଅଧିକାରୀ ପୋଷ୍ୟଗ୍ରାମ ଭାବେ କେଶରପୁରକୁ କୋଳକୁ ନେଇ ବ୍ୟାପକ ବନୀକରଣରେ ସାହାଯ୍ୟ କରିଥିଲେ । ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ ଗଢ଼ାଯିବା ପରେ ଉଦୟନାଥ ଖଟେଇ (ମୂଳିଆ ଉଦୟ ନାମରେ ପରିଚିତ) ଏହାର ପ୍ରତିଷ୍ଠାତା ସଭାପତି ଓ ଯୋଗୀନାଥ ସାହୁ ଏହାର ପ୍ରତିଷ୍ଠାତା ସଂପାଦକ ଭାବେ ଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇଥିଲେ । ମାଳତୀ ପାହାଡ଼ରେ ବୃକ୍ଷ ରୋପଣ କରି ଫେରିବା ପରେ ଅସାଧୁ ମାଫିଆମାନେ ତାକୁ ବାରମ୍ବାର ଉପାଡ଼ି ପକାନ୍ତି । ଏହା ବାରମ୍ବାର ଘଟୁଥିଲା । ମାଳତୀ ପାହାଡ଼ର ପଥର ମୁଣ୍ଡିଆ ଉପରେ ନୀରବ ଶପଥ କରି ଯୋଗୀ ଆରମ୍ଭ କରିଥିଲେ ଅନଶନ । ମା', ଖୁଡ଼ି, ପତ୍ନୀ ସତ୍ୟଭାମା ରାସ୍ତା କଡ଼ରେ ଠିଆ ହୋଇ ପଥଚାରୀମାନଙ୍କ ପାଦ ଛୁଇଁ ପ୍ରଣାମ କରି ଅନୁରୋଧ ଜଣାଇଲେ ଗଛଟିଏ ପୋତିବାକୁ । ଏ ପାଦସ୍ପର୍ଶୀ ପ୍ରାଣ ସ୍ପର୍ଶୀ ପ୍ରଣାମରେ ଅଭିଭୂତ ପଥିକଙ୍କ ସହଯୋଗ ବଢ଼ିବାରେ ଲାଗିଲା । ଏ ପ୍ରକ୍ରିୟାରେ ଥରେ ସତ୍ୟଭାମା ଯେଉଁ ଦିନ ଛୁଇଁଲେ ଜଣେ କୁଷ୍ଠ ରୋଗାକ୍ରାନ୍ତଙ୍କ ପାଦ, ସେଦିନ ସାରା ଅଞ୍ଚଳରେ ଖେଳିଗଲା ଖବର । ଏପରି ହେଲା ଯେ, ପୂର୍ବରୁ ଲଗାଯାଇଥିବା ୫ହଜାର ଚାରା ଗଛକୁ ଉପାଡ଼ି ଦେଇଥିବା ସ୍ଥାନୀୟ ଜଣେ ପଥର ଠିକାଦାର ସ୍ୱୟଂ ନିଜ ଦୋଷ ସ୍ୱୀକାର କରିବା ସହ ଗଛ ଲଗାଇବା ଅଭିଯାନରେ ସାମିଲ ହେଲେ ।

### ସୃଷ୍ଟିକଲେ ଇତିହାସ

ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ ଜରିଆରେ ଗାଁକୁ ଗାଁ ବୁଲି ଲୋକଙ୍କୁ ଜଙ୍ଗଲର ମହତ୍ୱ ସଂପର୍କରେ ବୁଝାଉଥିଲେ ଯୋଗୀ ଓ ତାଙ୍କର ସହକର୍ମୀମାନେ ।

ଗାଁ ଗାଁରେ ସଭାମାନ ହେଲା । ପ୍ରଥମେ ୭ଟି, ୧୩ଟି ଏବଂ ଶେଷରେ ୫ଟି ପଞ୍ଚାୟତରେ ୨୨ଟି ଗ୍ରାମକୁ ନେଇ 'ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ' ଜଙ୍ଗଲ ସୁରକ୍ଷା ଅଭିଯାନ ହାତକୁ ନେଲା । ଗମେଇ, ନାଗମୁଣ୍ଡୁଲୀ ଓ କେଶରପୁର ଠାରେ ତିନି ଦିନ ଧରି ଜଙ୍ଗଲ ସୁରକ୍ଷା କର୍ମଶାଳା ଆୟୋଜନ ହେଲା । ଅଧ୍ୟାପକ ଜଗଦାନନ୍ଦ ଏନ୍‌ଏସ୍‌ଏସ୍ ପିଲାଙ୍କୁ ଆଣି ବୃକ୍ଷରୋପଣରେ ସହଯୋଗର ହାତ ବଢ଼ାଇଥିଲେ । ପରିବେଶ ବିଭାଗର ଅତିରିକ୍ତ ସଚିବ ଗୌତମ ବୁଦ୍ଧ ମୁଖାର୍ଜିଙ୍କୁ ଆଣି ଏଠାକାର କାମ ଦେଖାଇଥିଲେ । ଜଗଦାନନ୍ଦ ପରବର୍ତ୍ତୀ ସମରେ ଆକ୍ସଫାମ୍

#### ବିରଳ ବିଚାର

- ପଥଚାରୀଙ୍କ ପାଦ ଧୋଇ ସେ ପ୍ରାର୍ଥନା କରୁଥିଲେ ଗଛଟିଏ ରୋପଣ ପାଇଁ । ବହୁବାର ଏପରି କରିଛନ୍ତି ଯୋଗୀନାଥ ।
- 'ଗଛ ଗଛ ଗଛ, ଆଉ ସବୁ କଥା ପଛ' ବୋଲି ସାରା ଜୀବନ ସେ ପ୍ରମାଣିତ କରିଆସିଛନ୍ତି ନିଜର ଅଭ୍ୟାସରେ ।
- ଗଛ କଟାଯାଇ ଶବ ସତ୍କାର ସପକ୍ଷରେ ସେ ନଥିଲେ । ନିଜ ପିତାଙ୍କ ମୃତ୍ୟୁ ପରେ ସେ ଶବରେ ଅଗ୍ନି ସଂଯୋଗ ନକରି ତାଙ୍କର ମର ଶରୀରକୁ ସମାଧୀ ଦେଇଥିଲେ ।
- ନୟାଗଡ଼ ଡ଼ାକ୍ତରଖାନା ପ୍ରତିଷ୍ଠା ପାଇଁ ସେ ଏକ ଅଭିନବ ନିଲାମ ପ୍ରକ୍ରିୟା ଆରମ୍ଭ କରିଥିଲେ । ଅଞ୍ଚଳର ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଦୁବଘାସ ସ୍ପର୍ଶ କରାଇ ସେହି ଦୁବକୁ ନିଲାମ ଡ଼ାକି ସେ ୯୦ ହଜାର ଟଙ୍କାର ପାଣ୍ଠି ଯୋଗାଡ଼ କରିଥିଲେ ।
- ମୃତକଙ୍କ ପାଇଁ ସାମାଜିକ କ୍ରିୟା କର୍ମ ବିରୋଧୀ ଥିବା ଯୋଗୀ ନିଜ ବାପାଙ୍କ କ୍ରିୟାକର୍ମ କରିନଥିଲେ ।
- ଯୋଗୀଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କର ମରଶରୀରକୁ ସତ୍କାର କରାଯାଇଛି ସମାଧିସ୍ଥ କରି । କ୍ରିୟାକର୍ମ ମଧ୍ୟ କରାଯାଇନାହିଁ ।

ସଂସ୍ଥାରେ ଯୋଗଦେବା ପରେ ଦରି, ଲାଇଟ୍ ଓ ମାଇକ୍ ପାଇଁ ବୃକ୍ଷ ଓ ଜୀବର ବନ୍ଧୁ ପରିଷଦକୁ ପ୍ରଥମେ ୧୭୦୦ ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ। ଅଶ୍ୱସ୍ଥପଡ଼ା ଗାଁରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବାରୁ ବିପନ୍ନମାନଙ୍କୁ 'ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ' ମାଧମରେ ଅକ୍ସଫାମ୍ ଗୃହନିର୍ମାଣ ସହାୟତା ପ୍ରଦାନ କରିଥିଲା। କାଳିକାପ୍ରସାଦ, ସାନଗୋରଡ଼ା, ଅଶ୍ୱସ୍ତପଡ଼ା, ଗବନଳ ଗାଁରେ ଘୂର୍ଣ୍ଣିଝଡ଼ ପ୍ରତିରୋଧୀ ଗୃହ ନିର୍ମାଣ ହେଲା। ବିହନ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ପରିଷଦର ଉଦ୍ୟମକୁ ପ୍ରଫେସର ରାଧାମୋହନ ସବୁ ପ୍ରକାର ସହଯୋଗ କରିଥିଲେ। ୧୨୦ ପ୍ରକାରର ବିରଳ ବିଲୁପ୍ତ ଓ ଦୁଷ୍ପ୍ରାପ୍ୟ ମଞ୍ଜି ସଂଗ୍ରହ ସହ ଚାଷୀମାନଙ୍କ ମଧ୍ୟରେ ବିତରିତ କରି ଯୋଗୀନାଥ ରାଜ୍ୟ ସାରା ଚର୍ଚ୍ଚାକୁ ଆସିଲେ।

୨୨ ଖଣ୍ଡ ଗ୍ରାମରେ ଏଭଳି କାର୍ଯ୍ୟ ଚାଲିଥିବା ବେଳେ ଯୋଗୀନାଥଙ୍କ ମନ କିନ୍ତୁ ଶାନ୍ତ ନଥାଏ। ନୟାଗଡ଼ର ଅଧିକାଂଶ ପାହାଡ଼ ଲଣ୍ଡା ଥିବା ତାଙ୍କୁ ବ୍ୟଥିତ କରୁଥାଏ। ହଠାତ୍ ଦିନେ ଯୋଗୀନାଥ ଏକ ପ୍ରିୟାଗ୍ନି ଚୁଲ୍ଲା, ଦୁଇଟି ବାଇଗଣ ଓ କିଛି ଚାଉଳ ଧରି ପହଞ୍ଚିଥିଲେ ଡମସାହିରେ। ଭଗବାନ ପ୍ରଧାନଙ୍କ ଦାଣ୍ଡବାରଣ୍ଡାରେ ଚୁଲା ଲଗାଇ ରୋଷେଇ ହେଲା। ଏ ଦୃଶ୍ୟ ଦେଖିବାପାଇଁ ଡମସାହିରେ ଲାଗିଲା ଭିଡ଼। ଲୋକଙ୍କୁ ଜଙ୍ଗଲ ସୁରକ୍ଷାର ମନ୍ତ୍ର ବତାଇଲେ ଯୋଗୀ। ଏପରି ବାରମ୍ବାର ଯିବା ଆସିବା କରି ଡମସାହି ପଞ୍ଚାୟତର ୧୬ଗାଁରେ ଗଢ଼ାଗଲା 'ବସୁନ୍ଧରା ବନ୍ଧୁ' ନାମକ ଆଉ ଏକ ସଂଗଠନ। ତା' ପୂର୍ବରୁ ଗୋଡ଼ିପଡ଼ା, ମହୁଲିଆ, ବେଗୁନିଆପାଟଣା ଆଦି ଗାଁକୁ ନେଇ ଗଢ଼ାଯାଇଥିଲା 'ଉଦ୍ଭିଦ ବନ୍ଧୁ' ସଂଗଠନ। ବସୁନ୍ଧରା ବନ୍ଧୁ ୧୦ହଜାର ଏକର ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନେଇଥିଲେ। ପରେ ପରେ ସବୁଜ ଜୀବନ, ସବୁଜ ସଂସାର, ବଳରାମ ସୁରକ୍ଷା ସମିତି, ପୁଷ୍ପାଞ୍ଜଳୀ ବନ ସୁରକ୍ଷା ପରିଷଦ, ଧରିତ୍ରୀ ଭଣ୍ଡାର ସୁରକ୍ଷା, ବୁଢ଼ାବୁଢ଼ିଆଣୀ ଜଙ୍ଗଲ ସୁରକ୍ଷା ସମିତି, ସାତଭାୟା ଜଙ୍ଗଲ ସୁରକ୍ଷା, ରତ୍ନମାଳା ସୁରକ୍ଷା ସମିତି ଆଦି ଗୋଟିଏ ପରେ ଗୋଟିଏ ଅନୁଷ୍ଠାନ ଯୋଗୀଙ୍କ ସଫଳ ପ୍ରବର୍ତ୍ତନାରେ ଗଢ଼ିଉଠିଥିଲା। ସଂଗଠନଗୁଡ଼ିକ ହେବା ପରେ ନୂଆ ନିୟମାବଳୀମାନ ପ୍ରସ୍ତୁତ ହେଲା। ସପ୍ତାହରେ ଥରେ ଜଙ୍ଗଲରୁ ଶୁଖିଲା କାଠ ପତ୍ର ସଂଗ୍ରହ, ସ୍କୁଲ, ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମ ପାଇଁ ମାଗଣା କାଠ ପ୍ରଦାନ, ଘରପୋଡ଼ି, ମଡ଼ପୋଡ଼ା ପାଇଁ କାଠ ଯୋଗାଣ, ଗରିବ ବିଧବା, ଏକାକୀ ରହୁଥିବା ମହିଳା ଭୂମିହୀନଙ୍କୁ କାଠ ବିକ୍ରୟ କରି ପେଟ ପୋଷିବା ପାଇଁ ବ୍ୟବସ୍ଥା ଇତ୍ୟାଦି ଚିନ୍ତାଧାରା ଦେଇଥିଲେ ଯୋଗୀ। ଜଙ୍ଗଲରୁ ଲାଭାଂଶ ପାଇବାରୁ ଗରିବ ପରିବାରଗୁଡ଼ିକ ଯୋଡ଼ିହେବାରେ ଲାଗିଲେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ସହ।

## ଠେଙ୍ଗାପାଳିର ସ୍ରଷ୍ଟା

ଧୀରେ ଧୀରେ ଯୋଗୀଙ୍କର ସବୁଜ ସ୍ୱପ୍ନ ସଂପ୍ରସାରିତ ହେଲା ୩୨୪ ଖଣ୍ଡ ଗାଁରେ। ଆରମ୍ଭ ହେଲା 'ଠେଙ୍ଗା ପାଳି'ର ନିଆରା ଜଙ୍ଗଲ ଜଗିବା ମନ୍ତ୍ର। ଏକାଧିକ ଠେଙ୍ଗା ବଛାଯାଏ। ରଙ୍ଗ ଦିଆଯାଇଥାଏ ସେଥିରେ। ପାଳିକରି ପରିବାରଗୁଡ଼ିକ ଠେଙ୍ଗା ନେଇ ଜଙ୍ଗଲ ଜଗିବାକୁ ଯିବେ। ଫେରିଆସିବା ପରେ ପଡ଼ୋଶୀ ଘରର ବାରଣ୍ଡାରେ ରଖିଦେବେ। ଯାହା ଦାଣ୍ଡ ବାରଣ୍ଡାରେ ଠେଙ୍ଗା ଥିବ ସେ ପରିବାର ଜଙ୍ଗଲକୁ ଜଗିବାରେ ସେ ଦିନ ନିୟୋଜିତ ରହିବେ। ଯୋଗୀଙ୍କର ଏଭଳି ଅଭିନବ କୌଶଳ ଗ୍ରାମବାସୀଙ୍କୁ ପରିଚାଳନାର ନୂଆ ରାସ୍ତା ଦେଖାଇଲା। ତାଙ୍କ ଦ୍ୱାରା ଉଦ୍ଭାବିତ ଠେଙ୍ଗାପାଳି କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାରେ ୧ଲକ୍ଷ ୬୪ହଜାର ୨୪୦ଏକର ଜଙ୍ଗଲ ସୁରକ୍ଷିତ ରହିପାରିଥିଲା। ବିଦେଶୀ ଗଣମାଧ୍ୟମ ବିବିସିରେ ଏହାର ପ୍ରଚାର ହେବା ଫଳରେ ଦେଶବିଦେଶରୁ ବହୁ ଗବେଷକ, ସାମ୍ବାଦିକ, ଶିକ୍ଷାବିତ୍, ମ୍ୟାନେଜମେଣ୍ଟ ସଂସ୍ଥା ଛୁଟି ଆସିଥିଲେ ନୟାଗଡ଼କୁ। ବ୍ରିଟେନ୍‌ର ହାମ୍ପସାୟାର୍ ଠାରେ ଅବସ୍ଥିତ ଏକ ବିଶ୍ୱବିଦ୍ୟାଳୟ ତା'ର ଶ୍ରେଣୀ ପାଠ୍ୟକ୍ରମରେ 'ଠେଙ୍ଗାପାଳି' ବିଷୟରେ ଏକ ପରିଚ୍ଛେଦ ଯୋଡ଼ିଲା ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜ୍‌ମେଣ୍ଟ (ଆଇଆଇଏଫ୍ଏମ୍) ପାଠ୍ୟକ୍ରମରେ ସ୍ଥାନ ପାଇଥିଲା ଠେଙ୍ଗାପାଳିର ପ୍ରସଙ୍ଗ।

## ପରିଷଦ ଛାଡ଼ି ଗଢ଼ିଥିଲେ ଜଙ୍ଗଲ ସୁରକ୍ଷା ମହାସଂଘ

ଜିଲ୍ଲାର ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମକୁ କ୍ରିୟାଶୀଳ ଓ ବ୍ୟାପକ କରିବା ପାଇଁ ଯୋଗୀଙ୍କ ଉଦ୍ୟମରେ ୧୯୯୨ ମସିହାରେ ନୟାଗଡ଼ ଜିଲ୍ଲା ଜଙ୍ଗଲ ସୁରକ୍ଷା ମହାସଂଘ ସୃଷ୍ଟି ହେଲା। ପରିଚାଳନା ପାଇଁ ଗଢ଼ାଯାଇଥିଲା ଏକ ୧୫ ଜଣିଆ କମିଟି। ଅସ୍ଥାୟୀ ଭାବେ ମାଣିକାଗୋଡ଼ାର ରାଜକିଶୋର ସୁବୁଦ୍ଧି ସଭାପତି ଓ ରବିନାରାୟଣ ପରିଡ଼ା ସଂପାଦକ ଭାବେ ଦାୟିତ୍ୱ ନେଇଥିଲେ। ତା' ପରବର୍ଷ ବିଧିବଦ୍ଧ ଭାବେ ନିର୍ବାଚନ କରାଯାଇ ପ୍ରତିଷ୍ଠାତା ସଭାପତି ଭାବେ ଯୋଗୀନାଥ, ରବିନାରାୟଣ ପରିଡ଼ା ସଂପାଦକ ଦାୟିତ୍ୱ ନେଲେ। ୧୯୯୭ ମସିହାରେ ଶ୍ରମିକ ଯୋଗୀ ମହାସଂଘରୁ ଇସ୍ତଫା ଦେଇ ଓହରି ଯାଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ମହାସଂଘର ଗତିବିଧିକୁ ଅତି ନିକଟରୁ ନିରୀକ୍ଷଣ କରି ପରାମର୍ଶମାନ ଦେଉଥିଲେ।

ଲୋକଭାଷାରେ ପୁସ୍ତିକା ପ୍ରଚାର ପତ୍ର ଲେଖିବାରେ ସେ ଧୂରୀଣ ଥିଲେ। 'କାଠଖିଆ ବାଘ' ଶୀର୍ଷକ ଏକ ଲେଖା ଲେଖି ସେ କରତ କଳ ଗୁଡ଼ିକର ସ୍ୱରୂପକୁ ପଦାରେ ପକାଇ ଦେଇଥିଲେ। ତାଙ୍କର ଅହିଂସ୍ର ଅଭିଯାନର ଅନ୍ତ ନାହିଁ। ଯୋଗୀ



ଗାଁର ଶାନ୍ତି ଓ ଏକତା ବଜାୟ ରଖିବା ପାଇଁ ଗାଁ ଦାଣ୍ଡରେ ଯୁବକ ଯୋଗୀନାଥଙ୍କ ନିଆରା ଅନଶନ

ସିନା ନାହାନ୍ତି ହେଲେ ତାଙ୍କର ସୁ ବ୍ୟବହାର ଓ ସୃଜନ ଏବେ ଶାଖା ପ୍ରଶାଖା ମେଲାଇ ଏ ଜାତିର ନିଦାଘରେ ଶାନ୍ତ ସରଳ ଛାଇ ପ୍ରଦାନ କରିପାରିବ ବୋଲି ବିଶ୍ୱାସ ରଖନ୍ତି ତାଙ୍କର ଅଗଣିତ ଅନୁଗତ ଶୁଭେଚ୍ଛୁ ଓ ଶୁଭାକାଂକ୍ଷୀମାନେ।

ଜୀବନ୍ତ ଅବସ୍ଥାରେ ପିତାମାତାଙ୍କ ସେବା ନକରି ମୃତ୍ୟୁ ପରେ ଆଡ଼ମ୍ବର ଶୁଦ୍ଧିକ୍ରିୟାର ଆୟୋଜନକୁ ସେ ଘୋର ବିରୋଧ କରୁଥିଲେ। ନିଜ ପିତାଙ୍କ ମୃତ୍ୟୁ ପରେ ସେ ଦଶାହ କାର୍ଯ୍ୟ କରି ନଥିଲେ। ଏହି ମର୍ମରେ 'ପାଣି ପତ୍ରେ ମୁଁ ଦେବି କାହାକୁ' ଶୀର୍ଷକ ଏକ କବିତା ଲେଖି ଚର୍ଚ୍ଚାକୁ ଆସିଥିଲେ। ପରିବେଶ ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ରାଜ୍ୟ, ଦେଶ ଓ ବିଦେଶର ବିଭିନ୍ନ ସ୍ଥାନରେ ସମ୍ମାନିତ ହୋଇଛନ୍ତି। ଇନ୍ଦିରା ପ୍ରିୟଦର୍ଶିନୀ, ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ଆଦି ପୁରସ୍କାର ଏଥିମଧ୍ୟରୁ ଅନ୍ୟତମ। ଏତଦ୍ ବ୍ୟତୀତ ସାହିତ୍ୟ କ୍ଷେତ୍ରରେ ସେ ବିଭିନ୍ନ ସଂଗଠନ ତରଫରୁ ସମ୍ମାନିତ ହୋଇଛନ୍ତି।

## ମୃତ୍ୟୁର ପଦଧ୍ୱନୀ ଶୁଣିପାରିଥିଲେ

କିଛି ଦିନ ତଳେ ଯୋଗୀନାଥ ତାଙ୍କ ପ୍ରିୟ ରବି ପରିଡ଼ାଙ୍କୁ କହିଥିଲେ 'ଦେଖିବ ରବି ମୋର ଯେବେ ମୃତ୍ୟୁ ହେବ ହଠାତ୍ ହେବ। ରୋଗ ଶେଯରେ ପଡ଼ିବାର କଷ୍ଟ ନଥିବ। ସାରା ଜୀବନ ପ୍ରକୃତି ସହିତ ରହିଛି, ବଣ ଜଙ୍ଗଲ କଥା ବୁଝିଛି, ବିଷ ସାର ବଦଳରେ ଜୈବିକ ଖାଦ୍ୟ ଖାଇ ବଢ଼ିଛି ମୋତେ କଷ୍ଟପ୍ରଦ ରୋଗ କାହିଁକି ହେବ?' ଯୋଗୀ ସାର୍‌ଙ୍କ ଆକସ୍ମିକ ଦେହ ଖରାପ ଶୁଣି ସେଦିନ ଭୁବନେଶ୍ୱରରେ ଥିବା ରବି ମେଡ଼ିକାଲରେ ପହଞ୍ଚିବା ବେଳକୁ ଯୋଗୀ ସାର୍ ଆଉ ନଥିଲେ। ବାନ୍ତି ଓ ଅସୁସ୍ଥ କାରଣରୁ ମେଡ଼ିକାଲ ଆସି ଘଣ୍ଟାଏ ଭିତରେ ପରପାରିକି ଚାଲିଗଲେ ଯୋଗୀ ସାର୍। ମନେ ପକାଇ କାନ୍ଦି ଉଠିଥିଲେ ରବି। ✧

ଉପସ୍ଥାପନା:
**ଦିଲ୍ଲୀପ ସୁବୁଦ୍ଧି, ରାମକୃଷ୍ଣ ମହାରଣା**

**ଜୀବନ ବ୍ୟାପୀ ସାଧନାର ଫଳ**

**ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ ଯୋଗୀନାଥଙ୍କ କିଛି ଅଭୁଲା ସ୍ମୃତି**















# ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା
# ସରକାରୀ ଦାବି ବନାମ ବାସ୍ତବତା

ଜଙ୍ଗଲ ଅଧିକାର ଆଇନ ଗତ କିଛି ବର୍ଷ ଧରି ଏକ ଚର୍ଚ୍ଚିତ ବିଷୟ ହୋଇ ରହିଆସିଛି । ସାମାଜିକ ସଙ୍ଗଠନ ତଥା ଆଦିବାସୀ କଲ୍ୟାଣ ସଂସ୍ଥା ଏହାକୁ ବନବାସୀମାନଙ୍କର ନ୍ୟାର୍ଯ୍ୟ ଅଧିକାର ପ୍ରତି ଉଚିତ ସ୍ୱୀକୃତି ରୂପେ ଦେଖୁଥିବା ବେଳେ ବନବିଭାଗ କିନ୍ତୁ ଏହାକୁ ନିଜର ସ୍ୱାର୍ଥବିରୋଧୀ ବୋଲି ବିବେଚନା କରିଆସିଛି । ବନ ବିଭାଗର ଏହି ମାନସିକତାର ତୀବ୍ର ପ୍ରତିଫଳନ ଘଟିଥିଲା ଜଙ୍ଗଲ ଅଧିକାରୀ ଆଇନ ବିରୁଦ୍ଧରେ ଅବସରପ୍ରାପ୍ତ ବନାଧିକାରୀମାନଙ୍କ ସଂଘ କରିଥିବା ମକଦ୍ଦମାରେ । ସେ ମକଦ୍ଦମା ବିଚାରାଧୀନ ଥିଲା ବେଳେ ସରକାର ଯେଉଁ ଜଙ୍ଗଲ ଅଧିକାର ଶିରୋନାମା ଜାରି କରୁଥିଲେ ତା' ଉପରେ ଗୋଟିଏ କୋଣରେ ଲେଖାଯାଉଥିଲା : ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ରିଟ ପିଟିସନ ମାମଲା ସଂଖ୍ୟା ଡବ୍ଲ୍ୟୁ.ପି. (ପି) ୪୯୩୩ ସାଲ-୨୦୦୮ର ଅନ୍ତିମ ଶୁଣାଣି ପର୍ଯ୍ୟନ୍ତ । ଇତି ମଧ୍ୟରେ ଅନେକ ରାଜ୍ୟରେ ସେ ମକଦ୍ଦମା ଖାରଜ ହୋଇଛି, ଆଇନଗତ ବିବାଦ ଓ ସମସ୍ୟା ଜଙ୍ଗଲ ଅଧିକାର ଆଇନକୁ ସଂପୂର୍ଣ୍ଣ ମୁକ୍ତି ଦେଇନାହିଁ । ତା'ର ପରିଣାମ ଏହି ଯେ ଏ ଅଧିକାର ଯେଉଁମାନେ ପ୍ରକୃତରେ ପାଇବା କଥା ବା ପାଇଛନ୍ତି, ସେମାନେ ଆଂଶିକରୂପେ ହେଉ ଅଥବା ବିଶେଷ ରୂପେ ହେଉ, ନିଜ ଅଧିକାରକୁ ସାବ୍ୟସ୍ତ କରିବାରେ ଅସୁବିଧା ଭୋଗିଛନ୍ତି । ଏ ସମସ୍ୟା ବା ବିବାଦ ପଛରେ ଯେଉଁ ଐତିହାସିକ ସତ୍ୟଟି ରହିଛି, ତା' ପ୍ରାୟ ଅନେକେ ଜାଣିନାହାନ୍ତି, ଏବଂ ଏଇ ଅଜ୍ଞାନତା ଅଯଥାରେ ବନବିଭାଗ ସହ ସାମାଜିକ ସଙ୍ଗଠନ ମାନଙ୍କର ଏକ ଦୂରତା ସୃଷ୍ଟି କରିଛି, କାରଣ ଗୋଟିଏ ପକ୍ଷ ଅତି ବେଶୀ ଲୋକାଭିମୁଖୀ ମନେ ହୋଇ ଜଙ୍ଗଲ ଓ ପରିବେଶର ସଂରକ୍ଷଣ ଦିଗଟି ପ୍ରତି 'ଆଖିବୁଜି' ଦେବା ପରି ବୋଧ ହେଉଛି କେତେକଙ୍କୁ ।

ପ୍ରକୃତ ସତ୍ୟଟି ହେଉଛି, ପରାଧୀନ ଭାରତରେ କିଛି ଜଙ୍ଗଲ ବ୍ରିଟିଶ ସରକାରଙ୍କ ତତ୍ତ୍ୱାବଧାନରେ






ଥିବାବେଳେ ଅଧିକାଂଶ ଜଙ୍ଗଲ କିନ୍ତୁ ଦେଶୀୟ ରାଜ୍ୟ ବା ଗଡ଼ଜାତମାନଙ୍କ ଅଧୀନରେ ରହିଥିଲା । ବ୍ରିଟିଶ ସରକାର ଭାରତୀୟ ଜଙ୍ଗଲ ଆଇନ ୧୯୨୭ ପ୍ରଣୟନ କରି ରିଜର୍ଭ ଜଙ୍ଗଲ ଘୋଷଣା କରିବାର ସୁନିର୍ଦ୍ଦିଷ୍ଟ ଓ ଗଣତାନ୍ତ୍ରିକ ପଦ୍ଧତି ସେଥିରେ ଉଲ୍ଲେଖ କରିଥିଲେ । ଅଧିକାଂଶ ଗଡ଼ଜାତ ଅଞ୍ଚଳରେ କିନ୍ତୁ ରାଜାଙ୍କ କଥା ହିଁ ଥିଲା ଆଇନ ଏବଂ ଜଙ୍ଗଲ କଟକଣା ଅତି କଠୋର ଥିଲା । ଏଇ ରାଜାମାନେ ଜଙ୍ଗଲରୁ ସେମାନଙ୍କ ରାଜସ୍ୱର ଏକ ବଡ଼ ଭାଗ ପାଉଥିବାରୁ ଲୋକଙ୍କ ଅଧିକାରକୁ ସୀମିତି ବା ସଙ୍କୁଚିତ କରିରଖିଥିଲେ । ଏମାନଙ୍କ ଭିତରୁ କେତେକ ରାଜ୍ୟ ୧୯୪୫-୪୭ ବେଳକୁ ବ୍ରିଟିଶ ଜଙ୍ଗଲ ଆଇନ ଢ଼ାଞ୍ଚାରେ ନିଜ ସ୍ୱାର୍ଥକୁ ସୁହାଇବା ଭଳି ନିଜ ରାଜ୍ୟର ଜଙ୍ଗଲ ଆଇନ କରିଥିଲେ ବି ବାସ୍ତବରେ ଏହା ଧର୍ମକୁ ଆଖିଠାର ଭଳି ଥିଲା ।

ସେତେବେଳର ସାମାଜିକ-ଆର୍ଥିକ ପରିସ୍ଥିତିରେ ଜଙ୍ଗଲ ଉପରେ ନିର୍ଭରତା, ଜୀବିକା ନିର୍ବାହର ଏକ ବଡ଼ ଉପାୟ ଥିଲା । କିନ୍ତୁ ରାଜାମାନଙ୍କ କଟକଣା ଓ ଅତ୍ୟାଚାର ଲୋକଙ୍କ ପାଇଁ ବହୁ ଦୁର୍ଭାଗ୍ୟର କାରଣ ହୋଇଥିବାରୁ ୧୯୩୦ ଓ ୧୯୪୦ ଦଶକର ପ୍ରଜାମଣ୍ଡଳ ଆନ୍ଦୋଳନରେ ଜଙ୍ଗଲ ଅଧିକାର ଏକ ମୁଖ୍ୟ ପ୍ରସଙ୍ଗ ହୋଇ ଦେଖାଦେଇଥିଲା । ବ୍ରିଟିଶ ଜଙ୍ଗଲ ଆଇନ ବା ନୀତି କହୁଥିଲା ଯେ କୌଣସି ଅଞ୍ଚଳରେ ରିଜର୍ଭ ଜଙ୍ଗଲ ଘୋଷଣା କରାଯିବା ପୂର୍ବରୁ ପ୍ରଥମେ ସ୍ଥାନୀୟ ଲୋକଙ୍କର ଜଙ୍ଗଲ ଅଧିକାର ବାବଦରେ କ୍ଷତିପୂରଣ ଦିଆଯିବ, ଏବଂ ସେମାନଙ୍କ ଆପତ୍ତି ଅଭିଯୋଗର ବିଚାର କରାଯିବ । ରାଜାମାନେ କିନ୍ତୁ ନିଜ ଇଚ୍ଛାନୁସାରେ ରିଜର୍ଭ ଜଙ୍ଗଲ ଘୋଷଣା କରୁଥିଲେ । ଆଉ ମଧ୍ୟ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ରହିଥିଲା । କେନ୍ଦୁପତ୍ର, ଲାଖ

ଓ ଅନ୍ୟ କେତେକ ଜଙ୍ଗଲଜାତ ଦ୍ରବ୍ୟର ଏକଚାଟିଆ ଅଧିକାର କିଛି ବ୍ୟବସାୟୀଙ୍କୁ ଦିଆଯାଉଥିଲା, ଏବଂ ଗରିବ ସଂଗ୍ରହକାରୀ ସେଥିରେ ପ୍ରାୟତଃ ଶୋଷିତ ହେଉଥିଲେ।

ତତ୍କାଳୀନ ଭାରତ ସରକାର ଓଡ଼ିଶା ଓ ଛତିଶଗଡ଼ ଅଞ୍ଚଳର ଗଡ଼ଜାତମାନଙ୍କ ଶାସନ ବ୍ୟବସ୍ଥା ତଦାରଖ କରିବା ପାଇଁ ଜଣେ ଉଚ୍ଚ ପଦସ୍ଥ ଓ ଅଭିଜ୍ଞ ଆଇସିଏସ୍ ଅଧିକାରୀ ଶ୍ରୀଯୁକ୍ତ ରାମଖାନୀଙ୍କୁ ନିଯୁକ୍ତ କରିଥିଲେ। ଏହି ଅଧିକାରୀ ଯେଉଁ ରିପୋର୍ଟ ଦେଇଥିଲେ, ତାହା ପରେ ୩ଟି ଭାଗରେ ପ୍ରକାଶ ପାଇଥିଲା। ସେଥିରେ ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ ଉଚିତ ପ୍ରକ୍ରିୟା ଅନୁସରଣ ନକରି କେତେକ ଗଡ଼ଜାତ ରିଜର୍ଭ ଜଙ୍ଗଲ ଘୋଷଣା କରି ଦେଇଛନ୍ତି। ଦୁଃଖର କଥା ଯେ, ଭାରତ ସରକାର ଏ ବିଷୟକୁ ଗୁରୁତ୍ୱ ନଦେଇ ୧୯୫୪ ମସିହାରେ ଭାରତୀୟ ଜଙ୍ଗଲ ଆଇନର ଏକ ସଂଶୋଧନ ମାଧ୍ୟମରେ ଘୋଷଣା କଲେ ଯେ ଗଡ଼ଜାତ ରାଜ୍ୟମାନଙ୍କରେ ଥିବା ସମସ୍ତ ରିଜର୍ଭ ଜଙ୍ଗଲ ଭାରତୀୟ ଜଙ୍ଗଲ ଆଇନ ଅନୁସାରେ ବୈଧ ହେବ।

ଭାରତ ସ୍ୱାଧୀନତା ପାଇବାର ଅଳ୍ପ କେତେ ବର୍ଷ ହିଁ ବିତିଥିଲା ସେତେବେଳେ। ସରକାରଙ୍କର କର୍ତ୍ତବ୍ୟ ଥିଲା ଯେଉଁ ଗଡ଼ଜାତ ଜଙ୍ଗଲମାନ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ରିଜର୍ଭ ଘୋଷଣା ହୋଇଛି, ତା'କୁ ଉପଯୁକ୍ତ ସମୀକ୍ଷା ନକରି ବୈଧ କରାଯିବା ଉଚିତ୍ ନୁହେଁ। କିନ୍ତୁ ତା' ନକରି, ରାଜଶାସନ ଚାଲିଯିବାର ଖୁସିରେ କିଛି ଉଚ୍ଛୃଙ୍ଖଳ ଲୋକଙ୍କ ହାତରୁ ଗଡ଼ଜାତ ଜଙ୍ଗଲକୁ ରକ୍ଷା କରିବା ପାଇଁ ସରକାର ଏପର ପଦକ୍ଷେପ ନେଇଥିଲେ।

ସରକାରଙ୍କର ଏହି ବ୍ୟବସ୍ଥା ଆଉ ଗୋଟିଏ ଦୃଷ୍ଟିରୁ ବି ଜନସ୍ୱାର୍ଥ ବିରୋଧୀ ହେଲା। ଅଧିକାଂଶ ଗଡ଼ଜାତ ରାଜ୍ୟରେ 'ଗ୍ରାମ୍ୟଜଙ୍ଗଲ' ବୋଲି ଗୋଟିଏ ସ୍ୱତନ୍ତ୍ର ଶ୍ରେଣୀର ଜଙ୍ଗଲ ମାନ୍ୟତା ପାଇଥିଲା ଯାହା ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ହିଁ ରଖାଯାଇଥିଲା । କିନ୍ତୁ ଭାରତୀୟ ଜଙ୍ଗଲ ଆଇନରେ ଏପରି ନିଶ୍ଚିତ ବ୍ୟବସ୍ଥା ନଥିଲା। ତେଣୁ ସବୁ ପ୍ରକାର ଜଙ୍ଗଲ ହୁଏତ ସଂରକ୍ଷିତ (Reserve) କିମ୍ବା 'ରକ୍ଷିତ' (protected) ଜଙ୍ଗଲ ପର୍ଯ୍ୟାୟଭୁକ୍ତ ହେଲା ଏବଂ 'ଗ୍ରାମ୍ୟ ଜଙ୍ଗଲ' ବୋଲି ତୃତୀୟ କୌଣସି ସ୍ୱତନ୍ତ୍ର ଶ୍ରେଣୀ ଆଉ ଜଙ୍ଗଲ ଆଇନ ଅନୁସାରେ ରହିଲା ନାହିଁ ଯଦିଓ ଏ ବ୍ୟବସ୍ଥା ରହିଲା ଯେ ସରକାର ଚାହିଁଲେ କୌଣସି ରିଜର୍ଭ ଜଙ୍ଗଲର ଏକ ଅଂଶକୁ 'ଗ୍ରାମ୍ୟ ଜଙ୍ଗଲ' ଘୋଷଣା କରିପାରନ୍ତି।

ଅପର ପକ୍ଷରେ ବ୍ରିଟିଶ ଅଞ୍ଚଳରେ ଯେ ସବୁ କିଛି ଠିକ୍ ଚାଲିଥିଲା, ତା ନୁହେଁ। ଜଙ୍ଗଲ କର୍ମଚାରୀଙ୍କର ଅବହେଳା ଅଥବା ଅତ୍ୟାଚାର ଏଠାରେ ମଧ୍ୟ ଚାଲୁଥିଲା ଏବଂ କେତେକ ଅଞ୍ଚଳରେ ଜନବସତି ଅଞ୍ଚଳରେ କି ରିଜର୍ଭ ଲାଇନ ଟାଣି ଦିଆଯାଇଥିଲା। ଏହାର ପରିଣାମରେ ସ୍ଥାନୀୟ ଲୋକେ ଅସୁବିଧା ଭୋଗିଲେ ଏବଂ ଜନ ଅସନ୍ତୋଷ ସୃଷ୍ଟି ହେଲା। ଖୋର୍ଦ୍ଧା ଅଞ୍ଚଳରେ ଜଙ୍ଗଲ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଏଭଳି ଭୁଲ ଓ ଅନ୍ୟାୟର ତଦନ୍ତ ପାଇଁ ଖୋର୍ଦ୍ଧା ଜଙ୍ଗଲ ତଦନ୍ତ କମିଟି ୧୯୩୦ ଦଶକରେ ଗଠିତ ହୋଇଥିଲା ଏବଂ ଏହି କମିଟି ପ୍ରମାଣ ପାଇଥିଲା ଯେ ଜଙ୍ଗଲ ନଥିବା ଅଞ୍ଚଳରେ ବି ରିଜର୍ଭ ଲାଇନ ଟାଣି ଦିଆଯାଇଛି। କମିଟିର ସୁପାରିଶ କ୍ରମେ ସରକାର ଏ ପ୍ରକାର ଭୁଲ୍‌କୁ ସୁଧାରିବାର ଚେଷ୍ଟା କରିଥିଲେ।

ତତ୍କାଳୀନ ଭାରତର ଜଣେ ବିଶିଷ୍ଟ ଭୂତତ୍ତ୍ୱବିତ ଓଡ଼ିଶାର କେତେକ ଆଦିବାସୀ ଅଞ୍ଚଳରେ ସମାନ ପ୍ରକାରର ଅନ୍ୟାୟର ପ୍ରମାଣ ପାଇଥିଲେ। ଦୂର ଆଦିବାସୀ ଗାଁରେ 'ଫରେଷ୍ଟର' କୁକୁଡ଼ା ଲାଞ୍ଚ ନପାଇବାରୁ ଗାଁ ପାଖ ଦେଇ ରିଜର୍ଭ ଲାଇନ ଟାଣି ଦେବାର ଉଦାହରଣ ବି ସାମ୍ନାକୁ ଆସିଥିଲା।

ଏ ପ୍ରକାର ଅନ୍ୟାୟ ଅବିଚାରର ଯଦି ଗୋଟିଏ ବିଧିବଦ୍ଧ ତଦନ୍ତ ସମଗ୍ର ଦେଶରେ କରାଯାଇଥାନ୍ତା, ତା'ହେଲେ ହୁଏତ ଏକ ବ୍ୟାପକ ଚିତ୍ର ସାମ୍ନାକୁ ଆସିଥାନ୍ତା ଓ ତା' ଉପରେ କୌଣସି ପଦକ୍ଷେପ ନିଆଯିବାକୁ ଦାବି କରାଯାଇ ପାରିଥାନ୍ତା। କିନ୍ତୁ ସେପରି ହୋଇନଥିବାରୁ ଏ ପ୍ରସଙ୍ଗ କ୍ରମଶଃ ଦବି ରହିଗଲା। ସୁପ୍ରିମ କୋର୍ଟ ଏକ ନିର୍ଦ୍ଦେଶ ଜାରିକଲେ ଯେ, ତଦନୁଯାୟୀ ଜଙ୍ଗଲରେ କେତେ ଅନୁପ୍ରବେଶକାରୀ ଅଛନ୍ତି; ତା'ର ଆକଳନ ପ୍ରସ୍ତୁତ କରାଗଲା। ଏହି ତଥାକଥିତ ଅନୁପ୍ରବେଶକାରୀଙ୍କ ଭିତରୁ ଅଧିକାଂଶ ଥିଲେ ଆଦିବାସୀ ବା ପାରମ୍ପରିକ ବନବାସୀ ସଂପ୍ରଦାୟର ଯେଉଁମାନେ ଜଙ୍ଗଲକୁ ନେଇ ହିଁ ଚଳିଆସିଥିଲେ। ସରକାରୀ ଆକଳନ ଦର୍ଶାଇଲା ଯେ ଅଳ୍ପ ସଂଖ୍ୟକ ଏଭଳି ଲୋକଙ୍କୁ ହିଁ ଥଇଥାନ କରାଯିବ, ଏବଂ ଅନ୍ୟମାନଙ୍କୁ ବାହାର କରିଦିଆଯିବ।

ବାହାର କରିଦେବାର ନିଷ୍ପତ୍ତିଟି କେତେକ ରାଜ୍ୟରେ ଏତେ ଦୂର ପ୍ରଚଣ୍ଡ ଭାବେ କାର୍ଯ୍ୟକାରୀ ହୋଇଥିଲା ଯେ ହାତୀ ଲଗାଇ ଲୋକଙ୍କ ଘରଭାଙ୍ଗି ଦିଆଯାଇଥିଲା।

ଏହାରି ପ୍ରତିବାଦ କରି ଗଢ଼ି ଉଠିଲା ଏକ ଜନ ଆନ୍ଦୋଳନ : ଆତ୍ମସମ୍ମାନ ସୁରକ୍ଷା ଅଭିଯାନ (Dignity)। ଦେଶବ୍ୟାପୀ ଏ ଆନ୍ଦୋଳନ ଚାଲିଲା।

୨୦୦୪-୦୫ ବେଳକୁ କେନ୍ଦ୍ର ସରକାର ଆଦିବାସୀମାନଙ୍କୁ ପେସା ଆଇନ ଅନୁଯାୟୀ ଲଘୁ ବନଜାତ ଦ୍ରବ୍ୟର 'ମାଲିକାନା' ଅଧିକାର ଦେବା ପାଇଁ ଏକ ପ୍ରକ୍ରିୟା ଆରମ୍ଭ କରି ସାରିଥିଲେ। ତଦନୁଯାୟୀ ଏକ ଆଦର୍ଶ ରାଜ୍ୟ ଲଘୁ ବନଜାତ ଦ୍ରବ୍ୟ (ଜଙ୍ଗଲ-ନିର୍ଭର-ଶୀଳ ଗୋଷ୍ଠୀଙ୍କର ମାଲିକାନା) ବିଧେୟକ, ୨୦୦୪ ପ୍ରସ୍ତୁତ କରାଯାଇ ରାଜ୍ୟମାନଙ୍କୁ ତଦନୁଯାୟୀ ନିଜ ନିଜ ଅଞ୍ଚଳରେ ଆବଶ୍ୟକ ଆଇନଗତ ବ୍ୟବସ୍ଥା କରାଯିବାକୁ କୁହାଗଲା। ଏହି ବିଧେୟକରେ ନିମ୍ନ ବୈଶିଷ୍ଟ୍ୟମାନେ ରହିଥିଲା।

୧. ଲଘୁ ବନଜାତ ଦ୍ରବ୍ୟ କହିଲେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ମାନେ ବିଜ୍ଞାପିତ କରିଥିବା ସମସ୍ତ ବୃକ୍ଷଜାତ ଅଣକାଷ୍ଠ ଜଙ୍ଗଲ ଜାତ ଦ୍ରବ୍ୟକୁ ବୁଝାଇବ, ଏବଂ ଏଥିରେ ମହୁ, ଲାଖ, ମହମ ଓ ଟସର ମଧ୍ୟ ଅନ୍ତର୍ଭୁକ୍ତ ହେବ।
୨. 'ମାଲିକାନା' ଅର୍ଥ ସଂଗ୍ରହ, ପ୍ରକ୍ରିୟାକରଣ, ଉପଯୋଗ କିମ୍ବା ବିକ୍ରୟର ଅଧିକାର।
୩. ଲଘୁ ବନଜାତ ଦ୍ରବ୍ୟର ବ୍ୟବସାୟ (ସରକାରୀ)ରୁ ମିଳିଥିବା ଶୁଦ୍ଧଲାଭକୁ ଜଙ୍ଗଲ ନିର୍ଭରଶୀଳ ଗୋଷ୍ଠୀଙ୍କ ନାମରେ ଜମା କରାଯିବ ଏବଂ ଏହାର ଅତି ବେଶୀରେ ୭୫% ସେମାନଙ୍କୁ ବାଣ୍ଟି

ଦିଆଯାଇ ପାରିବ ଏବଂ ଅତି କମ୍‌ରେ ୨୫% ସଂପୃକ୍ତ ଜଙ୍ଗଲର ପୁନର୍ଜନନ ଓ ବିକାଶ ପାଇଁ ଖର୍ଚ୍ଚ କରାଯିବ ।

ସେତେବେଳେ ଓଡ଼ିଶାର ପ୍ରଧାନ ମୁଖ୍ୟବନ ସଂରକ୍ଷକ ଏହା ଉପରେ ଯେଉଁ ମତାମତ ଦେଇଥିଲେ, ତା’ ଉତ୍ସାହଜନକ ନଥିଲା; ବରଂ ସେଥିରେ ରକ୍ଷଣଶୀଳତା ହିଁ ଥିଲା । ସେ ଦର୍ଶାଇଥିଲେ ଯେ ବିଭିନ୍ନ କାରଣରୁ ଓଡ଼ିଶାରେ ଏଭଳି ମାଲିକାନା ଅଧିକାର ପ୍ରଦାନ ସମ୍ଭବ ମନେ ହେଉନାହିଁ ।

ସୌଭାଗ୍ୟର ବିଷୟଯେ ଏଭଳି ସମସ୍ତ ରକ୍ଷଣଶୀଳ ଓ ସଙ୍କୁଚିତ ମାନସିକତା ଅତିକ୍ରମ କରି ଏକ ପ୍ରଗତିଶୀଳ ଆଇନ ରୂପେ ଜଙ୍ଗଲ ଅଧିକାର ଆଇନ, ୨୦୦୬ ପ୍ରଣୀତ ହେଲା । ଏ ଆଇନ କାର୍ଯ୍ୟକାରୀ ହେବା ପାଇଁ ଆବଶ୍ୟକ ଥିବା ନିୟମାବଳୀ ୨୦୦୮ ମସିହାରେ ପ୍ରଣୟନ କରାଗଲା; କିନ୍ତୁ ତଥାପି ମଧ୍ୟ ଅନେକ ଅସ୍ପଷ୍ଟତା ଓ ତ୍ରୁଟି ବିଚ୍ୟୁତି ରହିଯିବାରୁ ଏହି ଆଇନର ବ୍ୟାପକ ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ ।

୨୦୧୨ ମସିହାରେ କେନ୍ଦ୍ରରେ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ ଶବ୍ଦରେ ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଲେଖିଲେ ଯେ ଜଙ୍ଗଲ, ଅଧିକାର ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରାନଯାଇ ବରଂ ଅବହେଳା କରାଯାଉଛି ଏବଂ ଲୋକେ ଏହାର ସମୁଚିତ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ।

ତେଣୁ ଏକ ମାର୍ଗଦର୍ଶିକା ଜାରି କରି ପୂର୍ବର ଅସ୍ପଷ୍ଟତା ଓ ତ୍ରୁଟି ବିଚ୍ୟୁତିଗୁଡ଼ିକ ଦୂର କରିବାର ବିଶଦ ପ୍ରଚେଷ୍ଟା କରାଗଲା । କିନ୍ତୁ ମାର୍ଗଦର୍ଶିକା ତ ଯଥେଷ୍ଟ ନୁହେଁ କାରଣ ଏହା ନିଜେ ଏକ ଆଇନ ନୁହେଁ । ତେଣୁ, ସେହି ବର୍ଷ ଜଙ୍ଗଲ ଅଧିକାର (ସଂଶୋଧନ) ନିୟମାବଳୀ ପ୍ରଣୟନ କରି ଏହାର କାର୍ଯ୍ୟକାରିତା ଲାଗି ଆଇନଗତ ବାଟ ଖୋଲି ଦିଆଗଲା ।

ଏହି ସଂଶୋଧନ ନିୟମାବଳୀ ବିଭିନ୍ନ ଦୃଷ୍ଟିରୁ ବୈପ୍ଳବିକ ଥିଲା । ଏଥିରେ ସରକାରୀ ଅବହେଳା ବା ଚଞ୍ଚକତାକୁ ଦୂର କରିବା ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିବା ସହିତ ଗୋଷ୍ଠୀ ଜଙ୍ଗଲ ସୁରକ୍ଷାକୁ ଆଇନଗତ ସ୍ୱୀକୃତି (ଯୁଗ୍ମ ଜଙ୍ଗଲ ପରିଚାଳନା ବ୍ୟବସ୍ଥାର ଅଧୀନରେ ନରହିଲେ ମଧ୍ୟ) ମିଳିବାର ସୁବିଧା ମଧ୍ୟ କରିଦିଆଯାଇଥିଲା ।

ଯେଉଁ ମାର୍ଗଦର୍ଶିକା ଜାରି କରାଯାଇଥିଲା, ସେଥିରେ ନିର୍ଦ୍ଦେଶ ରହିଥିଲା ଯେ, ଜଙ୍ଗଲ ଅଧିକାର ପାଇଥିବା ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା ସହିତ ଯୋଡ଼ି ଉପକୃତ କରାଯିବା ଉଚିତ । ଯେଉଁ ସାମାଜିକ ସଙ୍ଗଠନଗୁଡ଼ିକ ଇତିପୂର୍ବରୁ ଶିରୋନାମା ପାଇଥିବା ଲୋକଙ୍କୁ ଏନ୍‌ଆର୍‌ଇଜିଏସ୍ ଭଳି ଯୋଜନାଗୁଡ଼ିକ ସହିତ ଯୋଡ଼ି ଉପକୃତ କରାଇବାର ଚେଷ୍ଟା କରୁଥିଲେ, ସେମାନଙ୍କୁ ଏହି ନିର୍ଦ୍ଦେଶ ଏକ ନୂତନ ଭରସା ଆଣିଦେଲା ।



କିନ୍ତୁ ୨୦୧୨ର ନୂତନ ବ୍ୟବସ୍ଥା ଅନୁଯାୟୀ ଚଳିବା ପାଇଁ ସରକାରୀ ସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇବା କଥା, ତା’ ଦେଖାଗଲା ନାହିଁ । ତା’ର କାରଣ ଥିଲା ପ୍ରଗତିଶୀଳ ଆହ୍ୱାନକୁ ପ୍ରତିରୋଧ କରିବା ଭଳି ରକ୍ଷଣଶୀଳ ମାନସିକତା ତଥାପି ବଞ୍ଚି ରହିଥିଲା, କେବେ ନିର୍ଦ୍ଦିଷ୍ଟ ଆଳ ନେଇ ତ କେବେ ପୁଣି ଅଭ୍ୟାସଗତ ଦମ୍ଭ ନେଇ । ଫଳ ସ୍ୱରୂପ, ଲାଖ ଭଳି କିଛି ପୂର୍ବ କଟକଣାଯୁକ୍ତ ଲଘୁ ବନଜାତ ଦ୍ରବ୍ୟର ଅବାଧ ବ୍ୟବସାୟ ସହଜ ହୋଇପାରିଲା ନାହିଁ ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ପରିଚାଳନା ସଂକ୍ରାନ୍ତୀୟ ଦାବିମାନ ପୂର୍ବବତ୍ ପଡ଼ିରହିଲା ।

ଇତି ମଧ୍ୟରେ କେନ୍ଦ୍ରରେ ନୂଆ ସରକାର ଗଠିତ ହେଲା । ଏହି ସରକାର ‘ବିକାଶ’ (Development) ପାଇଁ ଅତିଶୟ ଆଗ୍ରହୀ, ଏବଂ ସେଇ ବିକାଶ ପଥରେ କୌଣସି ପ୍ରତିବନ୍ଧକ ରଖିବା ଚାହାନ୍ତି ନାହିଁ । ଯାହା ଜଣାପଡୁଛି, ଜଙ୍ଗଲ ଅଧିକାର ଆଇନର କେତେକ ବ୍ୟବସ୍ଥା, ଏ ସରକାରଙ୍କୁ ବିକାଶର ପ୍ରତିବନ୍ଧକ ବା ଗତିରୋଧକ ମନେହେଉଛି, ତେଣୁ ପରିବେଶ ବା ପ୍ରକୃତି ନିର୍ଭର ଲୋକଙ୍କ ନ୍ୟାର୍ଯ୍ୟ ଅଧିକାର ତଥା ସୁରକ୍ଷା ପ୍ରସଙ୍ଗକୁ ତୁଚ୍ଛ କରି କେତେକ ନିଷ୍ପତ୍ତି ନିଆଯାଇଛି ଯେପରିକି ଜଙ୍ଗଲ ଅଧିକାର ଆଇନ ତଥାକଥିତ ବିକାଶର ଧାରାକୁ ରୋକିବ ନାହିଁ ।

ବଡ଼ ଚତୁରତା ସହକାରେ ପର୍ଯ୍ୟାୟକ୍ରମେ ଏଇ ଚକ୍ରାନ୍ତଟିକୁ କାର୍ଯ୍ୟକାରୀ କରାଯାଉଥିଲେ ମଧ୍ୟ ପ୍ରକୃତ ଉଦ୍ଦେଶ୍ୟ ଠିକ୍ ଧରାପଡ଼ି ଯାଉଛି । ଅର୍ଥାତ୍, ଜଙ୍ଗଲ ଅଧିକାର ଆଇନ ଆଉ ନିଜେ ସୁରକ୍ଷିତ ହୋଇ ରହିନାହିଁ । ଏଭଳି ସ୍ଥିତିରେ ଏ ଆଇନର ବ୍ୟାପକ ଉଦ୍ଦେଶ୍ୟ ଯେ କେତେଦୂର ସଫଳ ହୋଇପାରିବ, ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଲୋକଙ୍କୁ ମିଳିଲା ବାଉଁଶ ଜଙ୍ଗଲର ମାଲିକାନା

ସମୂହ

ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ସମ୍ପଦର ସାମୁହିକ ଅଧିକାର ପାଇଁ ଯଦି ଓଡ଼ିଶାର କୌଣସି ଗୋଟିଏ ଗାଁ ବିଶେଷ ରାଜନୈତିକ ପୃଷ୍ଠପୋଷକତା ଲାଭ କରିଛି, ତାହା ହେଉଛି ଜାମଗୁଡ଼ା । ଏ ଗାଁଟି କିନ୍ତୁ 'ଅଖ୍ୟାତ ପଲ୍ଲୀର ବିଖ୍ୟାତ କାହାଣୀ' ପରି ଏକ ପରିଚୟ ସୃଷ୍ଟି କରିପାରିଛି ସ୍ୱେଚ୍ଛାସେବୀ, ରାଜନୈତିକ ତଥା ସାମୁହିକ ଉଦ୍ୟମ ଯୋଗୁଁ ।

ପ୍ରକୃତରେ ବି ଜାମଗୁଡ଼ାର ଅବସ୍ଥିତି ଯେପରି, ଏହା ଗୋଟିଏ ଅଖ୍ୟାତ ପଲ୍ଲୀ ହୋଇ ରହିଯିବା କିଛି ବିଚିତ୍ର ନଥିଲା । କଳାହାଣ୍ଡି ଜିଲ୍ଲାର ମଦନପୁର-ରାମପୁର ବ୍ଲକର ବାରବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏଇ ଛୋଟ ଗାଁଟିକୁ ଯଦି କେହି ରାତିରେ ଖୋଜିବାକୁ ଯାଏ, ତା'ହେଲେ ପାଇବ ନାହିଁ ଯଦି ସ୍ଥାନୀୟ ଲୋକ ବାଟ ନ ଦେଖାନ୍ତି ।

ଏଠିକାର ଅଧିକାଂଶ ଗ୍ରାମବାସୀ ଗଣ୍ଡ (ଆଦିବାସୀ) ସଂପ୍ରଦାୟର । ସ୍ଥାନୀୟ ଜଙ୍ଗଲଟି ବାଉଁଶ-ପ୍ରଧାନ, ଏବଂ ପ୍ରାୟ ୨୫ବର୍ଷ ତଳେ ଗାଁର ଯୁବକମାନେ ଏକ ସଂଘ ଗଠନ କରି ବାହାର ଲୋକଙ୍କ ଦ୍ୱାରା ଜଙ୍ଗଲକଟାକୁ ବନ୍ଦ କରିବା ପାଇଁ



ଯେଉଁ ଜଙ୍ଗଲ ସୁରକ୍ଷା ଆରମ୍ଭ କରିଥିଲେ, ତା'ର ସୁଫଳ ତଥା ଆଇନଗତ ସ୍ୱୀକୃତି ଜଙ୍ଗଲ ଅଧିକାର ଆଇନ ଅଧୀନରେ ଗୋଷ୍ଠୀ ଜଙ୍ଗଲ ସମ୍ପଦର ଅଧିକାର ରୂପରେ ଜାମଗୁଡ଼ାକୁ ମିଳିବା ଉଚିତ ବୋଲି ଅନୁଭବ କରି ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାଜଗତ ଏଥିପାଇଁ ଗ୍ରାମବାସୀଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବା ଫଳରେ ସେମାନେ ୨୦୦୮ ମସିହାରେ ନିଜର ବିଧିବଦ୍ଧ ଦାବିପତ୍ର 'ଫର୍ମ-ଖ' ଅନୁଯାୟୀ ପୂରଣ କରି ସରକାରଙ୍କୁ ଦେଇଥିଲେ । ଓଡ଼ିଶା ଜଙ୍ଗଲ ମଞ୍ଚର ଜିଲ୍ଲା ଶାଖା କଳାହାଣ୍ଡି ଜଙ୍ଗଲ ସୁରକ୍ଷା ମଞ୍ଚ ଏଥିରେ ବିଶେଷ ସହଯୋଗ କରିଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଓଡ଼ିଶା ଜଙ୍ଗଲ ମଞ୍ଚ ବିଭିନ୍ନ ଜଙ୍ଗଲ ସୁରକ୍ଷାକାରୀ ଗ୍ରାମଗୋଷ୍ଠୀଙ୍କ ସାମୂହିକ ଅଧିକାର ପାଇବାର ଦାବିପତ୍ର ଦାଖଲ କରିବା ଦିଗରେ ସାହାଯ୍ୟ କରିବା ପାଇଁ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆର୍ଥିକ ସହଯୋଗ ପାଇଥିଲା ଯାହା ମଧ୍ୟରେ ଆର୍‌ସିଡିସି ମଧ୍ୟ ରହିଥିଲା । ୨୦୧୦ ମସିହାରେ ଜାମଗୁଡ଼ା ଗ୍ରାମସଭାକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତିପତ୍ର ଦିଆଯାଇଛି ବୋଲି ସରକାରୀ ଘୋଷଣା କରାଯାଇଥିବାର ଦେଖି ଲୋକେ ଆଶ୍ଚର୍ଯ୍ୟ ହେଲେ, କାରଣ ଗ୍ରାମବାସୀଙ୍କୁ ଏହା ମିଳିନଥିଲା । କଳାହାଣ୍ଡି ଜଙ୍ଗଲ ସୁରକ୍ଷା ମଞ୍ଚର ଉଦ୍ୟମ କ୍ରମେ ଏହି ସ୍ୱୀକୃତିପତ୍ରର ଏକ ନକଲ ୨୦୧୨ ମସିହାରେ ଜାମଗୁଡ଼ାକୁ ମିଳିପାରିଲା । ତେବେ, ସେମାନେ ୩୭୫୦ ଏକର ଜଙ୍ଗଲ ଉପରେ ଦାବି ଦାଖଲ କରିଥିଲେ ମଧ୍ୟ ଅଧିକାର ମିଳିଲା କେବଳ ସେଇ ୧୨୩.୫ ଏକର ଜଙ୍ଗଲ ଉପରେ ଯାହା ଜାମଗୁଡ଼ାରେ ବନବିଭାଗ ଦ୍ୱାରା ଗଠିତ ବନସଂରକ୍ଷଣ ସମିତି ତତ୍ତ୍ୱାବଧାନରେ ରହିଥିଲା । ଏଥିରୁ ଜଣାପଡ଼େ ଯେ ଏହି ସ୍ୱୀକୃତିପତ୍ର ପ୍ରକୃତରେ ଗ୍ରାମବାସୀଙ୍କର ଅଧିକାରକୁ ସମ୍ମାନ ଦେବା ଅପେକ୍ଷା ବରଂ ଯେପରି କେବଳ ବିଧିରକ୍ଷ ପାଇଁ ହିଁ କରାଯାଇଥିଲା । କାରଣ କେବଳ ୪ଟି ଜଙ୍ଗଲ ଅଞ୍ଚଳକୁ ଛାଡ଼ି ଅବଶିଷ୍ଟ (ଦାବି କରାଯାଇଥିବା) ୧୦ଟି ଜଙ୍ଗଲ ଅଞ୍ଚଳରେ ଜାମଗୁଡ଼ା ଗ୍ରାମବାସୀଙ୍କର ଦାବିକୁ ଗ୍ରହଣ କରାଯାଇନଥିଲା । ପୁଣି ମଧ୍ୟ ଯେଉଁମାନଙ୍କ ପାଇଁ ଏ ସ୍ୱୀକୃତି ପତ୍ର, ସେମାନଙ୍କୁ ଏ ବିଷୟରେ ନଜଣାଇ ଏବଂ ସେମାନଙ୍କ ଅଧିକାର ପତ୍ର ସେମାନଙ୍କୁ ନଦେଇ ସରକାରୀ ରେକର୍ଡ଼ ଭିତରେ ହିଁ ଏହାକୁ ବାନ୍ଧି ରଖାଯାଇଥିଲା

ଅଧିକାର ପତ୍ରର ନକଲ ମିଳିବା ପରେ ଅନ୍ୟ ଗୋଟିଏ ସମସ୍ୟା ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇଲା । ଯେଉଁ ଜଙ୍ଗଲାଞ୍ଚଳ ଉପରେ ଅଧିକାର ମିଳିଥିଲା, ସେଠିକାର ବାଉଁଶରେ ଫୁଲ ଆସିବା ଦେଖାଯାଇଥିଲା । ଫୁଲ ଆସିବା ଅର୍ଥ ବାଉଁଶ ବୁଦା ନଷ୍ଟ ହୋଇଯିବା, ତେଣୁ ନଷ୍ଟ ହେବା ପୂର୍ବରୁ ଭଲ ବାଉଁଶଗୁଡ଼ିକୁ ଅମଳ କରି ନିଆଯିବା ଉଚିତ୍ । ତେବେ ଏତେ ବାଉଁଶ ବିକ୍ରି ହେବ କିପରି ? କଳାହାଣ୍ଡିର ତତ୍‌କାଳୀନ ସାଂସଦ ଶ୍ରୀଯୁକ୍ତ ଭକ୍ତଚରଣ ଦାସ ଜଣାଇଲେ ଯେ ପ୍ରଥମ ବାଉଁଶ ସେ କିଣିବେ, ପୁଣି ପ୍ରଶ୍ନ ଉଠିଲାଯେ ବିକ୍ରି ହେବା ପରେ ବାଉଁଶକୁ ଅନ୍ୟତ୍ର ନେବା ପାଇଁ ପରମିଟ୍ ଦେବ କିଏ ? ନିୟମ ଅନୁସାରେ ଗ୍ରାମସଭା ହିଁ ପରମିଟ୍ ଦେବା କଥା, କିନ୍ତୁ ବନ ବିଭାଗ ଏହା ମାନିବ ତ ? ତେଣୁ ସ୍ଥାନୀୟ ବନବିଭାଗ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯିବା ପରେ ସେଠାରୁ ଉତ୍ତର ମିଳିଲା ସରକାରୀ ନିର୍ଦ୍ଦେଶ ବିନା ଗ୍ରାମସଭା ଜାରି କରିବା ପାଇଁ କୌଣସି ପରମିଟ କରି ସେମାନଙ୍କୁ ଦିଆଯାଇପାରିବ ନାହିଁ ।

ଅର୍ଥାତ୍, ଅଧିକାର ପତ୍ର ତ ଯେନତେନ ପ୍ରକାରେ ମିଳିଥିଲା, ଏବେ ସେଥିରେ ରହିଥିବା ଅଧିକାରକୁ କାର୍ଯ୍ୟକାରୀ କରିବା ଦିଗରେ ବି ବାଧା ସୃଷ୍ଟି କରାଗଲା ।

ଏହା ବିରୁଦ୍ଧରେ ସ୍ଥାନୀୟ ଲୋକେ, ସ୍ୱେଚ୍ଛାସେବୀ ସଙ୍ଗଠନ, କଳାହାଣ୍ଡି ଜଙ୍ଗଲ ମଞ୍ଚ ଏକଜୁଟ ହୋଇ ପ୍ରଥମ ପର୍ଯ୍ୟାୟରେ ୧୨୫୦ଟି ବାଉଁଶ ଅମଳ କରାଗଲା । ବନ ବିଭାଗ ଏ କଥା ଜାଣିବା ପରେ ଅମଳ ବାଉଁଶକୁ ଜବତ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ସଫଳ ହୋଇନଥିଲା । ବନ ସଂରକ୍ଷଣ ସମିତିକୁ ଗ୍ରାମବାସୀ ଭାଙ୍ଗି ଦେଇଥିଲେ କାରଣ ଅଧିକାର ଥିଲା ଗ୍ରାମ ସଭାର, ବନ ସଂରକ୍ଷଣ ସମିତିର ନୁହେଁ ।

ନିଜ ପ୍ରତିଶ୍ରୁତି ଅନୁଯାୟୀ ଶ୍ରୀ ଦାସ ପ୍ରଥମେ ୧୦୦ ଖଣ୍ଡ ବାଉଁଶ କିଣିଲେ, ତେବେ ପରିମିଟ ଅଭାବରୁ ନେଇ ନପାରି ଏ ପ୍ରସଙ୍ଗରେ ଉଚ୍ଚ ସ୍ତରରେ ସରକାରଙ୍କ ଦୃଷ୍ଟି ଆକର୍ଷର କରିବେ ବୋଲି କହିଥିଲେ । ତାଙ୍କର ଉଦ୍ୟମ ସ୍ୱରୂପ ତତ୍‌କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଶୋଇ ଚନ୍ଦ୍ର ଦେଓ ଜାମଗୁଡ଼ା ଗ୍ରାମସଭାକୁ ପରିମିଟ ଦେବାର ଅଧିକାର ପ୍ରଦାନ କରଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଲେ । ବିଭିନ୍ନ ସ୍ତରରେ ଏଥିପାଇଁ ଉଦ୍ୟମ କରାଗଲା, ଏବଂ ଏ ପ୍ରସଙ୍ଗ ରାଜନୈତିକ ରୂପ ନେଉଛି ବୋଲି ସ୍ପଷ୍ଟ ଜଣାପଡ଼ିଯାଇଥିଲା । କାରଣ କେନ୍ଦ୍ରର ତତ୍‌କାଳୀନ ସରକାର ଏହାକୁ ଲୋକଙ୍କର ବ୍ୟାପକ ଅଧିକାରର ପ୍ରସଙ୍ଗ ରୂପେ ଦର୍ଶାଉଥିଲେ ଓ ରାଜ୍ୟ ସରକାର ଏଭଳି ଅନ୍ୟାୟ କରିବା ଉଚିତ୍ ନୁହେଁ ବୋଲି ପ୍ରତ୍ୟକ୍ଷ ବା ପରୋକ୍ଷରେ ମତ ଦେଇଥିଲେ । ଓଡ଼ିଶା ସରକାର ଜଙ୍ଗଲ ଅଧିକାର ଆଇନର ଉପଯୁକ୍ତ ସମ୍ମାନ କରୁନାହାନ୍ତି ଯେତେବେଳେ କି କେନ୍ଦ୍ର ସରକାର ଏହି ସମ୍ମାନକୁ ସୁନିଶ୍ଚିତ କରିବା ପାଇଁ ବଦ୍ଧ କରିକର- ଏଭଳି ଏକ ଧାରଣା ସେତେବେଳେ ସୃଷ୍ଟି ହୋଇଗଲା ।

ତଥାପି ମଧ୍ୟ ବନବିଭାଗର ରକ୍ଷଣଶୀଳ ମାନସିକତା ବଦଳିଲା ନାହିଁ, ବରଂ ଶ୍ରୀଯୁକ୍ତ ଦେଓଙ୍କ ଚିଠିର ଏକ ଧୂର୍ତ୍ତତାପୂର୍ଣ୍ଣ ଉତ୍ତର ଦିଆଗଲା । ଆମର ବିଶ୍ୱାସ ଯେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଏ ପ୍ରସଙ୍ଗରେ ଯେଉଁ ଉଦାର ଓ ଲୋକାଭିମୁଖୀ ଦୃଷ୍ଟି କୋଣ ରହିଥିବ, ବାବୁମାନଙ୍କର ଧୂର୍ତ୍ତତା ଯୋଗୁଁ ତାହା ପ୍ରକାଶ ପାଇପାରିଲାନାହିଁ, ବରଂ ବନବିଭାଗ ପରମିଟ ସମସ୍ୟାର ସ୍ୱଚ୍ଛ ସମାଧାନ ପାଇଁ ଯେ ଇଚ୍ଛୁକ ନୁହେଁ, ତା' ମଧ୍ୟ ଧରାପଡ଼ିଗଲା । ତା'ର ପରିଣାମ ଏୟା ହେଲା ଯେ ପରିବହନ ଅନୁମତି ନମିଳିବା ପର୍ଯ୍ୟନ୍ତ ଜାମଗୁଡ଼ା ଗ୍ରାମବାସୀ ଆଉ ଅଧିକ ବାଉଁଶ କାଟିପାରିଲେ ନାହିଁ ଯାହା ଫଳରେ ବି ଫୁଲଧରି ଅନେକ ବାଉଁଶ ବୁଦା ନଷ୍ଟ ହୋଇଗଲା ଏବଂ ସେଥିରୁ ହେବାକୁ ଥିବା ପ୍ରାୟ ୮୦,୦୦୦ ଟଙ୍କାରେ ଆୟ ସେମାନେ ହରାଇଲେ ।

ଇତି ମଧ୍ୟରେ ଜଙ୍ଗଲ ଅଧିକାର ସଂଶୋଧନ ନିୟମାବଳୀ, ୨୦୧୨ ଲାଗୁ ହୋଇସାରିଥିଲା ଏବଂ ରକ୍ଷଣଶୀଳ ଓ ବିରୋଧୀ ମାନସିକତା ପ୍ରତି ଏହା ଏକ ଶକ୍ତ ଧକ୍କା ଥିଲା । ଗ୍ରାମସଭା ହିଁ ଲଘୁ ବନଜାତ ଦ୍ରବ୍ୟର ପରମିଟ ଜାରି କରିବାର ଅଧିକାରୀ ବୋଲି ଏଥିରେ ସ୍ପଷ୍ଟ କରାଗଲା । ଏହା ପରେ ୨୮.୧୨.୨୦୧୨ରେ ରାଜ୍ୟ ବନବିଭାଗ ଏକ ବିଜ୍ଞପ୍ତି ଜାରି କରି ଜଣାଇଲା ଯେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସାମୁହିକ ଜଙ୍ଗଲ ଅଧିକାର ପାଇଥିବା ଗ୍ରାମବାସୀ ନିଜ ଇଚ୍ଛାନୁଯାୟୀ ବାଉଁଶ କାଟି ତଥା ବିକ୍ରି କରିପାରିବେ; ଏଥିପାଇଁ ପରମିଟ ସ୍ଥାନୀୟ ଗ୍ରାମସଭା ହିଁ ଦେବ ଏବଂ ବନବିଭାଗ ପକ୍ଷରୁ ଗ୍ରାମସଭାକୁ ବିନା ମୂଲ୍ୟରେ ପରମିଟ୍ ବହି ଯୋଗାଇଦିଆଯିବ । ବାଉଁଶ ଅମଳ ପାଇଁ ଏକ ଅଣୁଯୋଜନା ସଂପୃକ୍ତ ଗ୍ରାମବାସୀଙ୍କୁ କରିବାକୁ ହେବ, ଏବଂ ବନ ବିଭାଗର ବୈଷୟିକ ସହଯୋଗକ୍ରମେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଏହାର ପ୍ରସ୍ତୁତି ବ୍ୟବସ୍ଥା କରିବ । ଏଭଳି ଅଧିକାର ଥିବା ଅଞ୍ଚଳରେ ଯଦି ଗ୍ରାମବାସୀ ଚାହାନ୍ତି, ତେବେ ଓଡ଼ିଶା ବନ ଉନ୍ନୟନ ନିଗମ ମଧ୍ୟ ସେମାନଙ୍କ ପାଇଁ ବାଉଁଶ କାଟିବା ତଥା ବିକ୍ରିର ଦାୟିତ୍ୱ ନେଇପାରିବ ଏବଂ ଏ ବାବଦୀୟ ଖର୍ଚ୍ଚ ବାଦ ଯାହା ଆୟ ହେବ, ସେସବୁ ଗ୍ରାମବାସୀଙ୍କୁ ଦିଆଯିବ ।

ଏହି ସୁବିଧା କିନ୍ତୁ ୨୦୧୨-୧୩ ଅମଳ ବର୍ଷ ପାଇଁ ଦିଆଯାଇଥିଲା । ତଥାପି ମଧ୍ୟ ଜାମଗୁଡ଼ାକୁ ପରିମିଟ ବହି ଦିଆନଯିବାରୁ ରାଜ୍ୟ ସରକାରଙ୍କ ଉପରେ ଚାପ ବଢ଼ାଇବା ପାଇଁ ଶ୍ରୀଯୁକ୍ତ ଭକ୍ତଚରଣ ଦାସଙ୍କ ଯୋଜନା ଅନୁଯାୟୀ ଦୁଇ ଜନପ୍ରିୟ କେନ୍ଦ୍ରମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ଦେଓ ତଥା ଶ୍ରୀ ଜୟରାମ ରମେଶ ଜାମଗୁଡ଼ା ଗସ୍ତରେ ଆସିବେ ବୋଲି ସ୍ଥିର ହେଲା । ଖୁସିର କଥା ଯେ ଏ କୌଶଳ ସଫଳ ହେଲା ଏବଂ କେନ୍ଦ୍ରମନ୍ତ୍ରୀମାନଙ୍କ ଉପସ୍ଥିତିରେ ତତ୍‌କାଳୀନ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପରମିଟ୍ ବହି ଜାମଗୁଡ଼ା ଗ୍ରାମସଭାର ସଭାପତି ଶ୍ରୀ ନୀଳାମ୍ବର ପାତ୍ରଙ୍କୁ ପ୍ରଦାନ କରିଥିଲେ । ୩ ମାର୍ଚ୍ଚ, ୨୦୧୩ ଦିନ ଘଟିଥିବା ଏହି ଐତିହାସିକ ଘଟଣାରେ ଏକ ଅଖ୍ୟାତ ପଲ୍ଲୀ ବିଖ୍ୟାତ ହୋଇଉଠିଲା । କହିବା ବାହୁଲ୍ୟ ଯେ, ପରମିଟ ବହି ମିଳିବା ପରେ ଶ୍ରୀ ଦାସ ତାଙ୍କର ବାଉଁଶ ନେଇ ପାରିଥିଲେ ।

ପରମିଟ୍ ବହିଟି ବନ ବିଭାଗର ହୋଇଥିବାରୁ ସେଥିରେ 'ଓଡ଼ିଶା ବନ ବିଭାଗ' ବୋଲି ଉଲ୍ଲେଖ ରହିଛି, କିନ୍ତୁ ଏହା ମଧ୍ୟ ଯୋଡ଼ିଦିଆଯାଇଛି ଯେ ଏ ପରମିଟ ଜାମଗୁଡ଼ା ଗ୍ରାମସଭା ପାଇଁ କେବଳ ବାଉଁଶର ପରିବହନ (ଟ୍ରାନ୍‌ଜିଟ୍) ସକାଶେ ହିଁ ପ୍ରଯୁଜ୍ୟ । ପରମିଟ ଉପରେ ଗ୍ରାମବାସୀଙ୍କ ଦ୍ୱାରା ହାତରେ ଲେଖାଯାଇଛି; ଜାମଗୁଡ଼ା ଗ୍ରାମ ସଭା, ନର୍ଲା ରେଞ୍ଜ, ମ.ରାମପୁର । ତଳେ ଦସ୍ତଖତ ଓ ଷ୍ଟାମ୍ପ ରହୁଛି ଗ୍ରାମସଭା କୋଷାଧ୍ୟକ୍ଷଙ୍କର । ଇତି ମଧ୍ୟରେ ଜାମଗୁଡ଼ା ଗ୍ରାମସଭା ବାଉଁଶ ବିକ୍ରି କରି ଲକ୍ଷାଧିକ ଟଙ୍କା ଆୟ କରିଥିବାର ଜଣାଯାଏ ।

ମହାରାଷ୍ଟ୍ରର ମେଣ୍ଢାଲେଖା ଭାରତ ବର୍ଷରେ ପ୍ରଥମ ଗାଁ, ଯାହା ବାଉଁଶ ବିକ୍ରି ପାଇଁ ଜଙ୍ଗଲ ଅଧିକାର ଆଇନ ଅନୁସାରେ କ୍ଷମତା ପାଇଥିଲା । ଜାମଗୁଡ଼ା ସେ ଦୃଷ୍ଟିରୁ ଦ୍ୱିତୀୟ ।

ତେବେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଯାହା ଏ ପ୍ରସଙ୍ଗିତ ଚର୍ଚ୍ଚାରୁ ପ୍ରାୟତଃ ବାଦ୍ ପଡ଼ିଯିବାର ଦେଖାଯାଉଛି, ତା' ହେଉଛି ଅଧିକାର ପାଇବା ପରେ ସଂପୃକ୍ତ ଜଙ୍ଗଲର ପରିଚାଳନା ଯୋଜନା ପ୍ରସ୍ତୁତି କୌଣସି ଗ୍ରାମସଭା ପ୍ରାୟ କରୁନାହାନ୍ତି ଯଦିଓ ଏହା କରାଯିବା କଥା । ବନବିଭାଗର ବାଧ୍ୟବାଧକତା ତଥା ସହଯୋଗ ଫଳରେ ଜାମଗୁଡ଼ାରେ ଯେ ଏଭଳି ଏକ ଯୋଜନା ପ୍ରସ୍ତୁତ ହୋଇପାରିଛି, ସେଥିପାଇଁ ବନବିଭାଗ ନିଶ୍ଚୟ ଧନ୍ୟବାଦର ପାତ୍ର ।

✧

# ଲଣ୍ଡା ଡୁବୁରି ପାହାଡ଼ ଏବେ ସବୁଜିମାମୟ

ନୟାଗଡ଼ ସହରଠାରୁ ଦଶପଲ୍ଲା ରାସ୍ତାରେ ୫କିମି ଗଲେ ପଡ଼େ ଶିମିଳିସାହି ଗ୍ରାମ। ସେହି ଗ୍ରାମ ସମ୍ମୁଖରେ ରାସ୍ତାର ବାମ ପଟେ ରହିଛି ସୁଦୃଶ୍ୟ ଡୁବୁରି ପାହାଡ଼। ଏକଦା ଏହି ପାହାଡ଼ ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା। ୬୦/୭୦ ଦଶକରେ ସ୍ଥାନୀୟ ଲୋକଙ୍କର ସଚେତନତା ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ପାହାଡ଼ଟି ବୃକ୍ଷ ଶୂନ୍ୟ ହୋଇ ଲଣ୍ଡା ପାହାଡ଼ରେ ପରିଣତ ହୋଇଗଲା।

ପରିବେଶ ରକ୍ଷା କରିବା ଦାୟିତ୍ୱ ହେଉଛି ଆମର। ଯଦି ଏହାକୁ ମାନେ ରକ୍ଷା ନକରିବା, ଏହା ନଷ୍ଟ ହୋଇଯିବ। ଏଥିପାଇଁ ଆମେ ସରକାରୀ ସହାୟତା କିମ୍ୱା ଅନ୍ୟର ସହଯୋଗକୁ ଅପେକ୍ଷା କଲେ ଚଳିବ ନାହିଁ। ଆମ ସମ୍ପତ୍ତିକୁ ଆମେ ହିଁ ରକ୍ଷା କରିବା। ଏମିତି ଏକ ମହାନ ବାର୍ତ୍ତା ଦେଇଛନ୍ତି ନୟାଗଡ଼ ଜିଲ୍ଲା ସଦର ମହକୁମା ନିକଟ ଶିମିଳିସାହି ଗ୍ରାମବାସୀ। ସେମାନଙ୍କ ଉଦ୍ୟମରେ ଆଜି ଏକ ଟାଙ୍ଗରା ପାହାଡ଼ ସବୁଜିମା ଭରା ହୋଇଉଠିଛି।

ଦିନେ ଏହି ପାହାଡ଼ କ୍ରମଶଃ ବୃକ୍ଷ ଶୂନ୍ୟ ହୋଇଯାଇଥିଲା। ପାହାଡ଼ରୁ ଝରି ଆସୁଥିବା ଝରଣା ବି ଶୁଖି ଯାଇଥିଲା। ଔଷଧର ବୃକ୍ଷଲତା, ବିରଳ ବନ୍ୟପ୍ରାଣୀ, ବିବିଧତା ଭରା ବନ୍ୟ ଖାଦ୍ୟ ସମ୍ଭାବ ସବୁକିଛି ଦୁଷ୍ପ୍ରାପ୍ୟ ହୋଇଗଲା। ଏହି ପାହାଡ଼ ଚାରିପଟ ଗ୍ରାମବାସୀଙ୍କ ସଚେତନତା ଅଭାବରୁ କାଠ ମାଫିଆମାନେ ଖୋଜି ଲୋଡ଼ି ମୂଲ୍ୟବାନ ଗଛ କାଟି ଦେଇଥିଲେ। ତେବେ ୮୦ ଦଶକରେ ପାହାଡ଼ର ଏଭଳି ଦୁଃଖଦ ସ୍ଥିତି ସ୍ଥାନୀୟ ଗ୍ରାମବାସୀଙ୍କୁ ଆନ୍ଦୋଳିତ କରିଥିଲା। ସେମାନେ ଭାବିଲେ କିଛି କରିବେ। ଫଳରେ ଶିମିଳିସାହି ଗ୍ରାମବାସୀଙ୍କ ପକ୍ଷରୁ ପ୍ରଥମ ଥର ଲାଗି ଡୁବୁରି ବଞ୍ଚାଅ ଆନ୍ଦୋଳନ ଆରମ୍ଭ ହେଲା। ସ୍ଥାନୀୟ ଜନପ୍ରିୟ ଯୁବନେତା ଆନନ୍ଦ ଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ଯୁବକମାନେ ଆଗକୁ ଆସିଲେ, ନୂଆ ସାହି, ହାଟ ଦ୍ୱାରା, ମଙ୍ଗରାଜପୁର, ବନମାଳିପରୁ, ଦୁର୍ଦ୍ଦୁରା ଆଦି ଗ୍ରାମବାସୀମାନଙ୍କୁ ଡୁବୁରୀ ପାହାଡ଼ର ସୁରକ୍ଷା ଆନ୍ଦୋଳନ ସହ ଯୋଡ଼ାଗଲା, ପାହାଡ଼ ଚାରିକଡ଼ର ଗ୍ରାମବାସୀମାନେ ପାହାଡ଼ରୁ ମିଳୁଥିବା ଲାଭକୁ ନେଇ ଆତ୍ମସମୀକ୍ଷା କଲେ। ଡୁବୁରି ପାହାଡ଼ ଏସବୁ ଗାଁମାନଙ୍କର ଜୀବନ ରେଖା ବୋଲି ସଭାରେ ଆଲୋଚନା ହେଲା। ଶେଷରେ ସ୍ଥିର ହେଲା ଯେ ଏହାର ସୁରକ୍ଷା ଦାୟିତ୍ୱ ପୁରା ପାହାଡ଼ ଚାରିପଟର ଗ୍ରାମବାସୀମାନଙ୍କର।

ଗ୍ରାମବାସୀମାନେ ଏକଯୁଟ ହୋଇ ଜଙ୍ଗଲ ଜଗିବା ପ୍ରୟାସ ଜାରୀ ରଖିଲେ। ଏପରିକି ସାମ୍ନାରେ ଥିବା ରାଜପଥରେ ଶଗଡ଼ ବଳଦ ଦ୍ୱାରା ଲୋକେ ନେଇଥିବା କାଠକୁ ମଧ ଯାଞ୍ଚ କରାଗଲା। ତାହା କେଉଁଠାରୁ କଟାଯାଇଛି ଅନୁସନ୍ଧାନ କରାଗଲା। ଏହା ଦେଖି କାଠ ମାଫିଆମାନେ ସତର୍କ ହୋଇଗଲେ। ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଆଗରେ ସେମାନେ ତିଷ୍ଠି ପାରିଲେ ନାହିଁ।

ଲଣ୍ଡା ପାହାଡ଼ କ୍ରମଶଃ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇଉଠିଲା। ଏବେ ଏହି ଡୁବୁରି ଏବଂ ଏହାକୁ ଲାଗି ରହିଥିବା ପାହାଡ଼ ଶୃଙ୍ଖଳା ବହୁ ବଡ଼ ବଡ଼ ଗଛରେ ଶୋଭାପାଇବାକୁ ଲାଗିଛି। ଆଖାପାଖ ଗ୍ରାମର ଜଳବାୟୁକୁ ଏହା ଗଭୀର ଭାବେ ପ୍ରଭାବିତ କରିଛି। ଫଳରେ କ୍ରମଶଃ ମରୁଡ଼ି ଆଡ଼କୁ ମୁହାଁଉଥିବା ଏହି ଅଞ୍ଚଳରେ ଆଶାନୁରୂପ ବର୍ଷା ହେଉଛି। ପାହାଡ଼ରୁ ବର୍ଷା ଦିନ ହେଲେ ଝରଣା ବାହାରି ଆସି ଦୁର୍ଗାପୂଜା ପର୍ଯ୍ୟନ୍ତ ଜଳ ପ୍ରବାହ ରହୁଛି। ପାହାଡ଼ ଏବେ ମୟୂରରେ ଭର୍ତ୍ତି। ଘଞ୍ଚ ଜଙ୍ଗଲ ଦେଖି ଏହି ପାହାଡ଼ରେ ବିଭିନ୍ନ ପ୍ରକାର ସାପ, ନେଉଳ, ବିଲୁଆ, ଠେକୁଆ, ଆଦି ଆସି ରହିଲେଣି। ଫତର ମାଫିଆମାନଙ୍କ ଲୋଲୁପ ଦୃଷ୍ଟିକୁ ପ୍ରତିହତ କରିବା ପାଇଁ ଶିମିଳିସାହିର ଯୁବକବୃନ୍ଦ ଆଗେଇ ଆସିଛନ୍ତି, ଏଥିପାଇଁ ଯୁଗ ସ୍ରଷ୍ଟା ଯୁବ ସଂସଦର ଭୂମିକା ଉଲ୍ଲେଖନୀୟ। ଏବେ ଏହି ପାହାଡ଼ ସ୍ଥାନୀୟ ଅଞ୍ଚଳର ପରିବେଶ, ଜଳବାୟୁର ସୁରକ୍ଷା କରୁଥିବାରୁ ଏହାର ସୁରକ୍ଷା ଲାଗି ସ୍ଥାନୀୟ ଅଂଚଳର ଯୁବକମାନେ ଗୋପାଳ କୃଷ୍ଣ ସ୍ୱାଇଁ ସତ୍ୟନାରାୟଣ ମହାପାତ୍ର, ଚିରଞ୍ଜୀବୀ ସ୍ୱାଇଁଙ୍କ ନେତୃତ୍ୱରେ ବଜ୍ର ଶପଥ ନେଇଛନ୍ତି।

ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ଅଭିଯାନରେ ନୟାଗଡ଼ ଜିଲ୍ଲା ସାରା ରାଜ୍ୟ ପାଇଁ ଏକ ବଳିଷ୍ଠ ଉଦାହରଣ। ଷାଠିଏ ଦଶକରୁ ଜିଲ୍ଲାର ଜଙ୍ଗଲ ସୁରକ୍ଷା ଅଭିଯାନ ଏବେ ଶହ ଶହ ଗ୍ରାମବାସୀଙ୍କ ପାଇଁ ସୁଖ ଓ ସମୃଦ୍ଧିର କାରଣ ହୋଇଛି। ରାଜ୍ୟର ଘଞ୍ଚ ପ୍ରାକୃତିକ ଜଙ୍ଗଲ ସମ୍ପଦ ନିଃଶେଷ ହୋଇ ଆସୁଥିବା ବେଳେ ନୟାଗଡ଼ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ମହାସଂଘ ଜଙ୍ଗଲ ସୁରକ୍ଷା ଦିଗରେ ଉତ୍ସର୍ଗୀକୃତ ଭୂମିକା ତୁଲେଇ ଅନେକ ଗାଁ ପାଇଁ ପ୍ରେରଣା ଦାୟୀ ହୋଇପାରିଛି। ଶିମିଳିସାହି ଜଙ୍ଗଲ ସୁରକ୍ଷା ଉପରେ ମହାସଂଘର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ। ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ, ନୟାଗଡ଼ ଜିଲ୍ଲା ଜଙ୍ଗଲ ସୁରକ୍ଷା ମହାସଂଘ, କୋସ୍କା ଗ୍ରାମର ଠେଙ୍ଗାପାଳିର ସଫଳତା ତଥା ବୃକ୍ଷ ପାଇଁ ସାରା ଜୀବନ ସଂଘର୍ଷ କରି ଆସିଥିବା ଦିବଙ୍ଗତ ଯୋଗୀନ୍ଦ୍ର ନାଥ ସାହୁ, ମୂଳିଆ ଉଦୟ (ଉଦୟନାଥ ଖଟେଇ), ଗଛ ସାର୍ ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରେରଣାକୁ ଆଜି ଜିଲ୍ଲାର ବହୁ ସଂଗଠନ ଧେୟ କରିଛନ୍ତି। ରାଜ୍ୟର ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଇତିହାସରେ ନୟାଗଡ଼ର ଦାନ ଅତୁଳନୀୟ।

# ଜାଳେଣୀ ପାଇଁ ଭାଳେଣୀ
## ବଳି ପଡୁଛି ଜଙ୍ଗଲ, ସଂଗୀନ ହେଉଛି ସ୍ୱାସ୍ଥ୍ୟ ସମସ୍ୟା
## ୨୫ ଲକ୍ଷ ପରିବାରରେ ଏବେ ବି ଜଳୁଛି କାଠ ଚୁଲା

ସାଇକେଲରେ ବୁହା ଚାଲିଛି କାଠ । କାନ୍ଧଭାରୁଆ ବୋହୁଛନ୍ତି ଅଙ୍ଗାର । ଜଙ୍ଗଲିଆ ରାସ୍ତାରେ ଜାଳେଣୀ କାଠ ଭର୍ତ୍ତି ଶଗଡ଼ର କେଁକଟର ଶବ୍ଦ ଏବେ ବି ଥମିନାହିଁ । ବିଡ଼ା ବନ୍ଧା ଯାଇ ଟ୍ରେନ୍‌ରେ ଦୂର ସହରକୁ ପଠାଯାଉଛି ଜାଳେଣୀ କାଠ । ଏଥିପାଇଁ ଟଳିଛି ଗଛ, ବଳି ପଡ଼ିଛି ଜଙ୍ଗଲ । ରାଜ୍ୟରେ ଘାତକ ସାଜିଛି ଜାଳେଣୀ କାଠ ପ୍ରଦୂଷଣ, ହେଲେ ବି ଧୂମ ବିହୀନ ଚୁଲ୍ଲାର ଆଦର ବଢ଼ିପାରିନାହିଁ । ଏଥିପାଇଁ ସ୍ୱତନ୍ତ୍ର ଭାବେ ଚିନ୍ତା କରିବାର ବେଳ ଆସି ପହଞ୍ଚିଛି ।

କୋରାପୁଟ ଆକାଶରୁ ଅନ୍ଧାର ହଟିନଥାଏ । ସୂର୍ଯ୍ୟ ଉଇଁବାକୁ ଥାଏ ଆଉ ଢ଼େର ସମୟ । ବିଶାଖାପାଟଣା–ଜୟପୁର ବସ୍‌ରୁ ଓହ୍ଲାଇ ଗୁଣ୍ଡିଚା ମନ୍ଦିର ଛକ ଦେଇ ଅଶୋକନଗର ପର୍ଯ୍ୟନ୍ତ ଚାଲିଚାଲି ଯିବାର ନିଷ୍ପତ୍ତି ନେଇ ଆଗକୁ ବଢ଼ିଥିଲୁ ଆମେ । କିଛି ବାଟ ଯିବା ।ପରେ ୧୦–୧୫ଜଣ ଲୋକ କାନ୍ଧରେ ଭାର ବୋହି ଆସୁଥିବା ଦେଖିଲୁ । କ'ଣ ହୋଇପାରେ ପଚାରିବା ବେଳେ ସାଥୀରେ ଥିବା ଜଣେ ସ୍ଥାନୀୟ ବାସିନ୍ଦା କହିଲେ ଇଏ ପରା ଅଙ୍ଗାର, କାଠ କୋଇଲା । ବାହୁଙ୍ଗୀର ଦୁଇପଟେ ଦୁଇଟି ଝୋଟ ଅଖା ବସ୍ତାର ଅଙ୍ଗାର ପ୍ରତିଟି ଭାରୁଆ ବୋହିଥାନ୍ତି । ବସ୍ତାରେ ୨୦କେଜି ଭାବରେ ୪୦କେଜିର ଓଜନ । କେଜିପ୍ରତି ୩ରୁ ୪ଟଙ୍କା ଦରରେ ୬୦–୮୦ଟଙ୍କାରେ ବିକ୍ରୀ କରିବେ । ଚା, ଜଳଖିଆ ଦୋକାନୀ ହୋଟେଲ ଓ ସାଧାରଣ କୋଇଲା ଚୁଲାରେ ରାନ୍ଧୁଥିବା ପରିବାର ଗୁଡ଼ିକ ଏହା କିଣିନେବେ । ଅଙ୍ଗାର ବିକ୍ରୀ ବେଆଇନ, ଜଙ୍ଗଲ ବିଭାଗର ବାବୁମାନେ ଏକଥା ଜାଣନ୍ତି । ମଝିରେ ମଝିରେ ତଳସ୍ତରର ଫରେଷ୍ଟ ଗାର୍ଡ଼ମାନେ ଚଢ଼ାଉ କରନ୍ତି । ବଟି ମାଗନ୍ତି । ଜୁଲମ୍ କରନ୍ତି । ତେଣୁ ଦଳବାନ୍ଧି ଭାରୁଆମାନେ ଅନ୍ଧାର ଥିବାବେଳେ ସହରରେ ପହଞ୍ଚି ସୂର୍ଯ୍ୟ ଉଦୟ ବେଳେ ବିକ୍ରୀବଟା କରି ଗାଁକୁ ଫେରି ଯାଆନ୍ତି ।

ଅଶୋକ ନଗରରେ ପହଞ୍ଚି ନିତ୍ୟକର୍ମ, ସାମାନ୍ୟ ବିଶ୍ରାମ ଓ ଜଳପାନ ପରେ ଆମେ ପାଖ ଏକ ଗାଁ ମହାଦେଇପୁଟ ଗଲୁ । ଏହି ଗାଁରୁ ୩୦ବର୍ଷ ଦଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓ ବହୁ ଚର୍ଚ୍ଚିତ ଆକାଙ୍‌କ୍ଷିତ କେବିକେ ଯୋଜନାର ଶୁଭାରମ୍ଭ କରିଥିଲେ । ପୁରୁଣା ଘରକୁ ଭଙ୍ଗାଯାଇ ନୂଆ ଧାଡ଼ିକୁ ଧାଡ଼ି ଘର ତିଆରି ହୋଇଥିଲା । ଉଦ୍ୟାନ ବିଭାଗ, କୃଷି ବିଭାଗ, ଜଳ ସେଚନ ବିଭାଗ ଗୋଟିଏ ଦିନରେ ଗାଁ ପରିବେଶ କୁଆଡ଼େ ବଦଳେଇ ଦେଇଥିଲେ । ୩୦ବର୍ଷ ପରେ ଗାଁର ପରିବେଶ ବିଶେଷ କିଛି ବଦଳିନାହିଁ । କୃଷିରେ ସ୍ଥାଣୁତା ଦେଖିହେଲା । ସବୁଠୁ ବେଶୀ ଦୁଃଖ ଲାଗିଲା ଗାଁ ପାଖ ନଣ୍ଡା ପାହାଡ଼ ଦେଖିବା ପରେ ।




ଲୋକେ ବର୍ଷ ବର୍ଷ ଧରି ଏଇଠୁ କାଠ କାଟିଛନ୍ତି ସିନା ଗୋଟିଏ ଚାରା ଲଗାଇନାହାନ୍ତି । କୃଷି ପରେ ଦିନେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଜୀବିକା ନିର୍ଭରଶୀଳ ଥିଲା, ଏବେ ଫୁଲଝାଡ଼ୁ, ଜାଫ୍ରା, କୁସୁମ ମଞ୍ଜି, କରଞ୍ଜ ମଞ୍ଜି ଓ ବାହାଡ଼ାର ଅମଳ ନଥିବା ଗାଁ ଲୋକେ କହିଲେ । ଗାଁର ୨୦–୨୫ ପରିବାର ଜଙ୍ଗଲରେ ନିଆଁ ଲଗାଇ ଜଳୁଥିବା କାଠ ଉପରେ ବାଲି ପକାଇ ଅଙ୍ଗାର ସଂଗ୍ରହ କରୁଛନ୍ତି ଓ ଅଙ୍ଗାର ବିକ୍ରୀ କରି ଖାଦ୍ୟ ଓ ଖର୍ଚ୍ଚ ଯୋଗାଡ଼ କରୁଛନ୍ତି ଶୁଣିଲୁ । କ୍ରମଶଃ ଜଙ୍ଗଲରୁ ଘଞ୍ଚତା କମୁଛି । ଖୁବ୍ ବେଶୀ ହେଲେ ଅଙ୍ଗାର



ବେପାର ଆଉ ୧୦-୧୫ବର୍ଷ । ତା'ପରର ଉତ୍ତର ଗାଁ ଲୋକଙ୍କ ପାଖରେ ନଥିଲା ।

କେବଳ କୋରାପୁଟ ଏକା ନୁହେଁ କନ୍ଧମାଳ, ମୟୂରଭଞ୍ଜ, ମାଲକାନାଗିରି, ରାୟାଗଡ଼ା, କଳାହାଣ୍ଡି, ଗଜପତି, ନବରଙ୍ଗପୁର ଜିଲ୍ଲାରେ ଏବେ ବି ସଂଖ୍ୟାଧିକ ପରିବାର କାଠ ବା କୋଇଲା ଚୁଲାରେ ରୋଷେଇ କରିଥାନ୍ତି । ଉନ୍ନତ ଧୂମ ବିହୀନ ଚୁଲାର ପ୍ରଚାର ପ୍ରସାର ପାଇଁ ବିଗତ ତିନିଦଶନ୍ଧି ମଧ୍ୟରେ ସରାକର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବି ଲାଭ ପାଇନାହାନ୍ତି । ଉନ୍ନତ ଚୁଲା ଅଦରକାରୀ ଭାବେ ପଡ଼ିରହିଛି । ପାରମ୍ପରିକ କାଠ ଓ କୋଇଲା ଚୁଲାକୁ ଦିଆଯାଉଛି ଗୁରୁତ୍ୱ ।

ସାଂଘାତିକ ହେଉଛି ଜାଳେଣୀ କାଠ ଓ କୋଇଲା । ଜଳବାୟୁକୁ ବାରଣ କରିବା ସହ ଅଭ୍ୟନ୍ତରୀଣ ପ୍ରଦୂଷଣକୁ ବ୍ୟାପକ କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ବେକ୍ଷଣ ଅନୁଯାୟୀ ପ୍ରତିବର୍ଷ ଦେଶରେ ୧.୧୫ ନିୟୁତ ଲୋକ ଆଭ୍ୟନ୍ତରୀଣ ପ୍ରଦୂଷଣ ଯୋଗୁଁ ମରୁଛନ୍ତି । ସେଥିରୁ ଅଧା କେବଳ ମହିଳା ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି ।

୧୯୯୦ରେ ଦେଶର ୮୦ଭାଗ ଲୋକ କାଠ ବା କୋଇଲା ଚୁଲା ଜାଳୁଥିଲେ । ସେଥିଯୋଗୁଁ ବାୟୁମଣ୍ଡଳରେ ପ୍ରଦୂଷଣ ବୃଦ୍ଧି ହେଉଥିବାରୁ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଫଳସ୍ୱରୂପ କାଠ ଜାଳେଣୀ ବଦଳରେ ଏଲ୍‌ପିଜି ଜାଳେଣୀ ଉପରେ ଗୁରୁତ୍ୱ ଦିଆଯାଇଥିଲା । ତଥାପି ବିଗତ ୨୫ ବର୍ଷରେ ମାତ୍ର ୨୦ଭାଗ ଲୋକ ଏହି କାଠ ବା କୋଇଲା ଚୁଲା ଛାଡ଼ିଛନ୍ତି । ଏବେ ବି ୬୦ଭାଗ ଲୋକ ପାରମ୍ପରିକ କାଠ ଚୁଲା ଉପରେ ନିର୍ଭର କରୁଛନ୍ତି ।

କାଠ କୋଇଲାରେ ରୋଷେଇ ହେଉଥିବାରୁ ବାୟୁମଣ୍ଡଳରେ କଳାଧୂଆଁର ପ୍ରଭାବ ବଢୁଛି ଓ ପ୍ରଦୂଷଣ ମଧ୍ୟ ବ୍ୟାପକ ହେଉଛି । ଏନ୍‌ସିଏଆଇଆର୍ ସର୍ଭେ ଅନୁଯାୟୀ ୧୯୯୨-୯୩ରେ ଭାରତରେ ଘରୋଇ ରନ୍ଧନ ପାଇଁ ବର୍ଷକୁ ୧୩୦ନିୟୁତ ଟନ୍ ଜାଳେଣୀ କାଠ ବ୍ୟବହାର ହେଉଥିଲା । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର କେତେକ ତଥ୍ୟକୁ ଆଧାର କରି ଅନୁଧ୍ୟାନ କରାଯିବାରେ ୨୦୧୦ରେ ଦେଶରେ ୨୧୬ ନିୟୁତ ଟନ୍ କାଠ ଜଳାଯାଉଥିବା ଜଣାଯାଇଛି । ଏହାଦ୍ୱାରା ଭୀଷଣ ପ୍ରଦୂଷଣ ସାଙ୍ଗକୁ ଦେଶରେ ସ୍ୱାସ୍ଥ୍ୟଗତ ସମସ୍ୟା ଗମ୍ଭୀର ହେଉଛି ।

କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟର ଗ୍ଲୋବାଲ ହେଲ୍‌ଥ ଆଣ୍ଡ୍ ଏନ୍‌ଭାରନ୍ ସେଣ୍ଟର ନିର୍ଦ୍ଦେଶକ ଜିର୍କ ଆର୍ ସ୍ମିଥ୍‌ଙ୍କ ସୂଚନା ମୁତାବକ ଭାରତରେ ୧.୧୫ ନିୟୁତ ଅକାଳ ମୃତ୍ୟୁ ଘଟୁଛି । ଏହା ବ୍ୟତୀତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ମୁତାବକ ଜାଳେଣି କାଠ ଓ କୋଇଲା ଜନିତ ପ୍ରଦୂଷଣ ଯୋଗୁଁ ଯେତିକି ମୃତ୍ୟୁ ସଂଘଟିତ ହେଉଛି ତାହାର ୫୦ ପ୍ରତିଶତ କେବଳ ମହିଳା, ନିକଟରେ ଦିଲ୍ଲୀସ୍ଥିତ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାରନ୍‌ମେଣ୍ଟ ପକ୍ଷରୁ ଜାଳେଣୀ କାଠ ଦ୍ୱାରା ବାୟୁ ପ୍ରଦୂଷଣ ସଂପର୍କରେ ଉଦ୍‌ବେଗ ପ୍ରକାଶ କରାଯାଇଛି । ଏ ସଂପର୍କରେ ଓଡ଼ିଶା ଜଙ୍ଗଲ ବିଭାଗର ଜନୈକ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ, ରାଜ୍ୟରେ ୨୫ଲକ୍ଷରୁ ଅଧିକ ପରିବାର ଆଜି ମଧ୍ୟ ଜାଳେଣୀ କାଠ ଉପରେ ନିର୍ଭରଶୀଳ । କେବଳ ସହରାଞ୍ଚଳରେ ଗ୍ୟାସ୍ ଚୁଲାର ବ୍ୟବସ୍ଥା ହୋଇପାରିଥିଲେ ମଧ୍ୟ ତାହା ଶତ ପ୍ରତିଶତ ନୁହେଁ । ଏପରିକି ସହରାଞ୍ଚଳର ସାହିବସ୍ତିରେ ମଧ୍ୟ କାଠ ଚୁଲା ଜଳୁଛି । ଏ ସଂପର୍କରେ ପରିବେଶ ବିଶେଷଜ୍ଞ ଡ଼ଃ. ଅନନ୍ତ ସାହୁଙ୍କ କହିବା ଅନୁଯାୟୀ ରାଜ୍ୟରେ କାଠ ଜାଳେଣୀ ପ୍ରଦୂଷଣ ଆଶାନୁରୂପ ଭାବେ ହ୍ରାସ ପାଇନାହିଁ । ଫଳରେ ବାୟୁମଣ୍ଡଳରେ କୃଷ୍ଣ ଅଙ୍ଗାରକ ମାତ୍ରା ମଧ୍ୟ ତଦନୁସାରେ ଜମା ହୋଇଚାଲିଛି । ଏହା ହିଁ ବିଶ୍ୱ ତାପମାତ୍ରା ବୃଦ୍ଧିରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି । ତେଣୁ ବାୟୁମଣ୍ଡଳରୁ ଏହି କୃଷ୍ଣ ଅଙ୍ଗାରର ମାତ୍ରା କମାଇବା ପାଇଁ ଜାଳେଶୀ କାଠ ଓ କୋଇଲା ବ୍ୟବହାରକୁ କଡ଼ାକଡ଼ି ହ୍ରାସ ନକଲେ ପରିସ୍ଥିତି ଆହୁରି ଗଭୀର ହୋଇପଡ଼ିବ ।

**କାଠଚୁଲୀକୁ ଏବେ ବି ପ୍ରାଧାନ୍ୟ**

ଆର୍‌ସିଡିସି ପକ୍ଷରୁ ରାଜ୍ୟର ମୟୁରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଗଜପତି, ଗଂଜାମ, ବଲାଙ୍ଗିର ଆଦି ଜିଲ୍ଲାଗୁଡ଼ିକରେ ରୋଷେଇ ଘର ବିଶେଷତଃ ଚୁଲାଗୁଡ଼ିକ ଉପରେ ଏକ ପାରିବାରିକ ସର୍ଭେ କରାଯାଇଥିଲା ।

ସର୍ଭେରୁ ଜଣାଯାଇଥିଲା କି ୮୦ ପ୍ରତିଶତ ପରିବାର ଏବେ ବି କାଠ, କୋଇଲା, କୃଷି ବର୍ଯ୍ୟବସ୍ତୁକୁ ଜାଳେଣୀ ରୂପେ ବ୍ୟବହାର କରୁଛନ୍ତି । ମୁଖ୍ୟତଃ ୯୦ ପ୍ରତିଶତ ମହିଳା କାଠଚୁଲୀ ନିକଟରେ ଦୈନିକ ୩ରୁ ୪ଘଣ୍ଟା ବସି ରହି ରୋଷେଇ କରୁଛନ୍ତି । ଗରିବ ପରିବାରଗୁଡ଼ିକ ସଂପୂର୍ଣ୍ଣ ରୂପେ କାଠ ଚୁଲା ଉପରେ ନିର୍ଭରଶୀଳ ହୋଇଥିବାବେଳେ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ଉଭୟ କାଠଚୁଲୀ ଓ କିରୋସିନି ଷ୍ଟୋଭରେ ରନ୍ଧନ

| ପାରମ୍ପରିକ ଚୁଲା | ଉନ୍ନତ ଧୂମବିହୀନ ଚୁଲା |
|---|---|
| ⌖ ସବୁପ୍ରକାର ଜାଳେଣୀକୁ ବ୍ୟବହାର କରାଯାଏ | ⌖ କାଠକୁ ଛୋଟ ଛୋଟ କରି କାଟିବା ଦରକାର |
| ⌖ ଧୂଆଁ ଅଧିକ ହୁଏ | ⌖ ଧୂଆଁ ସଫା କରିବା ଦରକାର ପଡ଼େ |
| ⌖ ବେଶୀ ଲୋକଙ୍କ ପାଇଁ ରନ୍ଧାଯାଇପାରେ | ⌖ କମ୍ ଲୋକଙ୍କ ପାଇଁ ଛୋଟ ହାଣ୍ଡିରେ ରନ୍ଧା ଯାଇପାରେ |
| ⌖ ସବୁପ୍ରକାର ରୋଷେଇ ହୋଇପାରେ | ⌖ ପୋଡ଼ିବା, (ଆଳୁ, ବାଇଗଣ) ହୋଇପାରେ ନାହିଁ |
| ⌖ ଚୁଲୀ ଲଗାଇବା ସହଜ | ⌖ ଚୁଲୀ ଲଗାଇବା ଡେରି |
| ⌖ ମରାମତି ନିଜେ କରିହୁଏ | ⌖ ମରାମତି କରି ହୁଏନି |
| ⌖ ବିନା ଅର୍ଥରେ କରିହୁଏ | ⌖ କିଣିବା ପାଇଁ ପଡ଼େ |
| ⌖ ଏକା ଥରକେ ଦୁଇଟି ରୋଷେଇ ହୋଇଯାଇପାରେ | ⌖ ଗୋଟିଏ ହାଣ୍ଡି ଥରକେ ବସେ |
| ⌖ ୨-୩ ଘଣ୍ଟା ଚୁଲୀ ପାଖରେ ବସିବାକୁ ପଡେ | ⌖ ଦିନକୁ ୧ଘଣ୍ଟା ସମୟ ବଳେ |

କାର୍ଯ୍ୟ କରୁଛନ୍ତି । ଗ୍ରୀଷ୍ମ ଓ ବର୍ଷା ଋତୁରେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ୯୦ପ୍ରତିଶତ ପରିବାର ରୋଷେଇ କରୁଥିବାବେଳେ ୧୦ ପ୍ରତିଶତ ପରିବାର ଶୀତ ଋତୁରେ ଭିନ୍ନ ଏକ ପ୍ରକୋଷ୍ଠରେ ରୋଷେଇ କରିଥାନ୍ତି ।

କାଠ, ଗୋବର ଘଷି, କୁଟା, ପାଳ, ନଡ଼ିଆ ବାହୁଙ୍ଗୀ, କୋଇଲା କିରାସିନିକୁ ବ୍ୟବହାର କରି ଦୁର୍ଗମ ଗ୍ରାମଗୁଡ଼ିକରେ ସର୍ବାଧିକ ପରିବାର ରୋଷେଇ କରୁଥିବାବେଳେ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟ ଜିଲ୍ଲା ସଦର ଅଂଚଳର ଗ୍ରାମଗୁଡ଼ିକରେ ଏଲ୍‌ପିଜି ଗ୍ୟାସ୍, କିରାସିନି ଷ୍ଟୋଭ୍ ଆଂଶିକ ପରିବାରଗୁଡ଼ିକରେ ବୈଦ୍ୟୁତିକ କୁକର, ଇଣ୍ଡକସନ୍ ଚୁଲା, ବାୟୋଗ୍ୟାସ୍ ଦ୍ୱାରା ରୋଷେଇ ହୋଇଥାଏ । ଘରକୁ ଆଲୋକିତ କରିବା ପାଇଁ କାଠ ଜାଳିବା ଏବେ ଆଉ ନାହିଁ । ଶୀତ ଦିନେ ନିଆଁ ପୁହିଁବା ପାଇଁ କାଠର ବ୍ୟବହାର କେତେକ ଜିଲ୍ଲାରେ ହେଉଥିବା ଜଣାଯାଇଥିଲା ।

ପାଣି ଫୁଟାଯିବା, ଚା ଜଳଖିଆ ତିଆରି, ପଶୁପକ୍ଷୀଙ୍କ ଖାଦ୍ୟ ତିଆରି, ଧାନସିଝା, ଶୀତଦିନେ ଘରକୁ ଗରମ ରଖିବା, ଶବସତ୍କାର କରିବା, ବିକ୍ରୟ ଉଦ୍ଦେଶ୍ୟରେ ଖାଦ୍ୟ ପ୍ରସ୍ତୁତ କରିବା, ନିଜ ବ୍ୟବହାର ବା ବିକ୍ରୀ ଉଦ୍ଦେଶ୍ୟରେ ମଦ ରାନ୍ଧିବା ପାଇଁ ଜାଳେଣୀ କାଠର ବ୍ୟବହାର ଗ୍ରାମୀଣ ଓଡ଼ିଶା ବିଶେଷ କରି ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ଦେଖାଯାଇଥାଏ ।

## ଧୂମ ବିହୀନ ଚୁଲା ପାଦେ ଆଗକୁ ଦୁଇପାଦ ପଛକୁ

ଓଡ଼ିଶା ରାଜ୍ୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଖଣିଜ ଓ ଧାତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଏମଏମ୍‌ଆଇଟି) ଓଡ଼ିଶା ବନବିଭାଗ ରାଜ୍ୟ ମୃତ୍ତିକା ସଂରକ୍ଷଣ ବିଭାଗ ଓ କାର୍ଯ୍ୟରତ ଅନେକ ସ୍ୱେଚ୍ଛାସେବୀ ସଂଗଠନ ବିଗତ ତିନି ଦଶନ୍ଧି ଧରି ଧୂମ ବିହୀନ ଚୁଲାର ପ୍ରଚାର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି । ୨୦ ପ୍ରତିଶତ ସଫଳତା ମିଳିଥିବା ବେଳେ ଅଧିକାଂଶ କ୍ଷେତ୍ରରେ ସେମାନଙ୍କୁ ବିଫଳତାର ସାମ୍ନା କରିବାକୁ ପଡ଼ିଛି । ଉନ୍ନତ ଚୁଲା ନିର୍ମାଣକାରୀ ସଂସ୍ଥାମାନେ ଗ୍ରାମୀଣ ରୋଷେଇ ପରିମାଣକୁ ନଜର ଦେଇ ଓ ଉପଲବ୍ଧ ଇନ୍ଧନକୁ ଦୃଷ୍ଟିରେ ରଖି ନିର୍ମାଣ କରିବାକୁ ଗୁରୁତ୍ୱ ଦେଉନଥିବାରୁ ଉନ୍ନତ ଚୁଲା ପାଇଥିବା ହିତାଧିକାରୀମାନେ ବ୍ୟବହାର ନକରି ପକାଇ ରଖିଥିବା ଜଣାଯାଇଛି । ଗଜପତି ଜିଲ୍ଲାର ଗ୍ରାମୀଣ ମହିଳାମାନେ ଏହି ଦୁଇ ଚୁଲାକୁ ନିମ୍ନମତେ ଦେଖନ୍ତି ।



## ଶ୍ରାବଣ ରଇତଙ୍କ ଧୂମ ବିହୀନ ଚୁଲା

ଗଜପତି ଜିଲ୍ଲାର ରାଇଗଡ଼ ଗାଁରେ ଶ୍ରାବଣ ରଇତଙ୍କ ପରିବାର । ଶ୍ରବଣଙ୍କ ପତ୍ନୀ ସଜନୀ, ପୁଅ ପ୍ରସନ୍ନ ଓ ବିଷ୍ଣୁ ଏବଂ ଝିଅ ଗହରୀକୁ ନେଇ ତାଙ୍କର ୫ଜଣିଆ ପରିବାର । ଶ୍ରବଣ ଓ ସଜନୀ ନିରକ୍ଷର । ବଡ଼ ପୁଅ ଗାଁ ସ୍କୁଲରେ ପଞ୍ଚମ ପଢ଼ନ୍ତି । ଝିଅ ଚତୁର୍ଥରେ ଏବଂ ସାନ ପୁଅ ବିଷ୍ଣୁ ଦ୍ୱିତୀୟ ଶ୍ରେଣୀରେ ପଢ଼ନ୍ତି । ରଇତ ପରିବାର ରୋଷେଇ ଘର ବସିବା ଶୋଇବା ଘରର ଗୋଟିଏ କୋଣରେ ରହିଛି । ରୋଷେଇ ପାଇଁ ମୁଖ୍ୟତଃ ଜାଳେଣୀ କାଠ ଉପରେ ନିର୍ଭରଶୀଳ । ୨୦୧୨ରେ ଶ୍ରବଣ ୨୩୦ଟଙ୍କା ଦେଇ ଗୋଟିଏ ଧୂମବିହୀନ ଚୁଲା କିଣିଛନ୍ତି । ତାକୁ ସେ ରକେଟ୍ ଷ୍ଟୋଭ୍ ନାମରେ ଜାଣନ୍ତି । ରୋଷେଇ ସମୟରେ ବାହାରୁଥିବା ଧୂଆଁ ଦେହ ପାଇଁ ଖରାପ ବୋଲି ସଜନୀଙ୍କ ମତ । ଉନ୍ନତ ଚୁଲାରେ ସେ ଦିନକୁ ୨ଥର ଭାତ ତରକାରୀ ରାନ୍ଧୁଛନ୍ତି । କିଭଳି ଏଥିରେ ରନ୍ଧାଯିବ ତାଙ୍କୁ ତାଲିମ ମିଳିଛି । ୧ ହେକ୍ଟରରୁ କମ୍ ଅଣ ଜଳ ସେଚିତ ଜମି ଓ କଚ୍ଚା ଘରେ ରହୁଥିବା ରଇତ ପରିବାର ନିକଟରେ ପଙ୍ଖା, ଟିଭି, ରେଡ଼ିଓ, ସାଇକେଲ, ଗ୍ୟାସ ସିଲିଣ୍ଡର୍ କିଛି ନାହିଁ । ଖୋଲାରେ ମଳତ୍ୟାଗ ପାଇଁ ଯାଆନ୍ତି । ଦୁଇବେଳା ଖାଦ୍ୟ ପ୍ରାୟତଃ ମିଳିଥାଏ । ପାଖ ଜଙ୍ଗଲରୁ ୪ଘଣ୍ଟା ପରିଶ୍ରମ କରି ୪୮ଥର ୨୫କେଜି ହିସାବରେ ୧୨ କ୍ୱିଣ୍ଟାଲ କାଠ ସଜନୀ ସଂଗ୍ରହ କରି ଆଣିଥାନ୍ତି । ମା' ଗାୟତ୍ରୀ ସ୍ୱୟଂ ସହାୟକ ଦଳର ସଭ୍ୟା ସଜନୀ ଦଳ ବୈଠକରୁ ଉନ୍ନତ ଧୂମ ବିହୀନ ଚୁଲା ବିଷୟରେ ଜାଣିବା ପରେ ଏହା କିଣିଥିଲେ । ଏସ୍‌ଡବ୍ଲୁଡବ୍ଲୁଏସ୍ ନାମକ ଏକ ସଂଗଠନ ଏ ଦିଗରେ ପ୍ରବର୍ତ୍ତାଇଥିବା ସେ କହନ୍ତି । ଉନ୍ନତ ଚୁଲାରେ ଏକ ଦୁଇବେଳା ରୋଷେଇ ହେଉଛି । ଚୁଲା ଟି ଭଲ ଅଛି । ଏଥିରେ ଧୂଆଁ ହୁଏନି, କମ୍ ସମୟ ଲାଗେ । ପାଖାପାଖି ଘଣ୍ଟାଏ ସମୟ ବଳେ । ପିଲାପିଲିଙ୍କ ଯତ୍ନ ପ୍ରତି ସେହି ସମୟ ଦେଇହୁଏ । କମ୍ ଜାଳେଣୀ, ଧୂଆଁ କମ୍ ଓ କମ୍ ସମୟରେ ରୋଷେଇ ହେଉଥିବାରୁ ସଜନୀ ଏହି ଚୁଲାଟିର ଯତ୍ନ ଦେଇଥାଆନ୍ତି ବୋଲି କହିଥିଲେ ।

✧

# ଦୁଃଖର ଦରିଆ
# ପ୍ରଦୂଷିତ ସାଗର ହୋଇ ଉଠୁଛି ଭୟଙ୍କର, ରଚୁଛି ପ୍ରଳୟ

ଦିନେ କଳିଙ୍ଗର ସାଧବ ପୁଅ ଦରିଆରେ ବୋଇତ ମେଲାଇ ବିଦେଶରେ ବାଣିଜ୍ୟ କରି ଫେରିଆସୁଥିଲା । ଅତୀତର କଳିଙ୍ଗସାଗର ଏବେ ବଙ୍ଗୋପସାଗର । ସେଇ ବଙ୍ଗୋପସାଗର ଉପକୂଳବାସୀଙ୍କ ସୁଖସମୃଦ୍ଧ ବଦଳରେ ଦେଇ ଚାଲିଛି ଦୁଃଖ..., ଦୁଃଖ..., ଆଉ ଦୁଃଖ ।

ଗଞ୍ଜାମ ଜିଲ୍ଲା ପାଲେୟାବନ୍ଧ ପଞ୍ଚାୟତର ପୋଡ଼ାମପେଟା ଗାଁର ଆକାଶ ଉପରେ ଚାନ୍ଦ ଉଇଁଲେ ମା' ମାନେ ଛୋଟ ପିଲାଙ୍କୁ କୋଳରେ ଧରି ଶୋଇଦିଅନ୍ତି । ପୂର୍ଣ୍ଣିମା ରାତିରେ ସମୁଦ୍ର ଅଶାନ୍ତ ହୁଏ । ମାଡ଼ିଆସେ ଗାଁ ଆଡ଼କୁ । ଏପରି ଘଟିଛି ଅନେକ ଘଟଣା ।

ସାମୁଦ୍ରିକ ପାଣିପାଗରେ ପରିବର୍ତ୍ତନ ଗଞ୍ଜାମ ଉପକୂଳ ବିଶେଷ ଭାବେ ପ୍ରଭାବିତ କରିଛି । ଫଳସ୍ୱରୂପ ଅତୀତରେ ଏକାଧିକ ଥର ଜୁଆର ମାଡ଼ିଆସି ଗୋପାଳପୁର ବେଳାଭୂମିର ସୌନ୍ଦର୍ଯ୍ୟ ହାନୀ ଘଟାଇଛି । ଧୀବରମାନେ ସମୁଦ୍ରକୁ ମାଛ ମାରିବାକୁ ଯାଇନପାରି ଆର୍ଥିକ ଦୁଃସ୍ଥିତିର ସାମ୍ନା କରିଛନ୍ତି । ପୋଡ଼ାମପେଟାର ୮୦ ମତ୍ସଜୀବି ପରିବାରକୁ ସମୁଦ୍ର କରିଛି ବିସ୍ଥାପିତ । ଉପକୂଳ ଆଡ଼କୁ ସମୁଦ୍ର ମାଡ଼ି ମାଡ଼ି ଆସୁଥିବା ବେଳେ ଆର୍ଯ୍ୟପଲ୍ଲୀ ଓ ରାମେୟାପାଟଣା ଗ୍ରାମବାସୀ ଉପରକୁ ଉପରକୁ ଘୁଞ୍ଚିବାରେ ଲାଗିଛନ୍ତି । ବିଗତ ଏକ ଦଶନ୍ଧି ହେଲା ଗୋପାଳପୁର ବେଳାଭୂମୀରେ କୂଳକ୍ଷୟ ହେବାରେ ଲାଗିଛି । ସାମୁଦ୍ରିକ ପରିବେଶର ଅସନ୍ତୁଳର ଦଶା ଭୋଗୁଛନ୍ତି ଆର୍ଯ୍ୟପଲ୍ଲୀ, ରାମେୟାପାଟଣା ପୋଡ଼ାମପେଟାର ସାମୁଦ୍ରିକ ନୋଳିଆ ସଂପ୍ରଦାୟ ।



## ପ୍ରଦୂଷିତ ସାଗର

ଉନବିଂଶ-ବିଂଶ ଶତାବ୍ଦୀରେ ବିଶ୍ୱରେ ଶିଳ୍ପ ବିପ୍ଳବର ସୂତ୍ରପାତ ହେଲା । ଫଳସ୍ୱରୂପ ମଣିଷ ନିଜର ସ୍ୱଚ୍ଛଳ ଜୀବନ ଧାରଣ ଉପରେ ଗୁରୁତ୍ୱ ଦେଇ ନାନାଦି ରାସାୟନିକ ପଦାର୍ଥର ବ୍ୟବହାର କରିବା ଆରମ୍ଭ କଲା । କଳକାରଖାନା ବସିଲା । ଉପକୂଳବର୍ତ୍ତୀ ଅଞ୍ଚଳରେ ଶିଳ୍ପ ସ୍ଥାପନା ହେଲା । ପାଣିର ପ୍ରାଚୁର୍ଯ୍ୟ, ଗମନାଗମନର ସୁବିଧା, ପରିବହନ ସୁବିଧା ପାଇଁ ଉପକୂଳ ଅଂଚଳକୁ ଶିଳ୍ପମାନେ ଗୁରୁତ୍ୱ ଦେଲେ । ଶିଳ୍ପ ବର୍ଯ୍ୟବସ୍ତୁ ଗୁଡ଼ିକ ବିଶେଷ କରି ରାସାୟନିକ ଅମ୍ଳଯୁକ୍ତ ପଦାର୍ଥଗୁଡ଼ିକ ଜଳରେ ମିଶିବା ମାତ୍ରେ ପ୍ରଥମତଃ ଜଳୀୟ ଉପାଦାନ ତ ବିଷାକ୍ତ ହେଲା ତା ଛଡ଼ା ଜଳଜ ପ୍ରାଣୀଗୁଡ଼ିକ ତାହାକୁ ଖାଇ ମୃତାହତ ହେଲେ । ଯେଉଁ ପ୍ରାଣୀମାନେ ପ୍ରତିକୂଳ ପରିବେଶ ସହ ଖାପ ଖୁଆଇ ବଞ୍ଚି ରହିଲେ ସେମାନେ ମଣିଷ ପାଇଁ ବିପଦର ରାସ୍ତା ଫିଟେଇଲେ । ସାମୁଦ୍ରିକ ମାଛକୁ ଖାଇ ମଣିଷ ବେମାରୀରେ ପଡ଼ିଲେ । ଅନୁରୂପ ଭାବେ ବିଷାକ୍ତ ନଦୀର ଜଳ ସମୁଦ୍ରରେ ମିଶେ । ସମୁଦ୍ର ପ୍ରଦୂଷିତ ହୁଏ । ଜାହାଜ ଚଳାଚଳ, ପରିତ୍ୟକ୍ତ ପ୍ଲାଷ୍ଟିକ୍, ମଳମୂତ୍ର ତ୍ୟାଗ ପେଟ୍ରୋଲିମ ଜାତ ତୈଳ ଲିକ୍, ମୃତ ପଶୁ-ପକ୍ଷୀ ମଣିଷଙ୍କ ଶବ ବିସର୍ଜନ ଅମ୍ଳଯୁକ୍ତ ପଦାର୍ଥ ସମୁଦ୍ରକୁ ଫୋପାଡ଼ିବା ଦ୍ୱାରା ସମୁଦ୍ର ଜଳ ଏବେ ଭୟଙ୍କର ଭାବେ ପ୍ରଦୂଷିତ । ଆମ ଭୁଲ୍‌ର ଶିକାର ହେଉଛି ଜଳ ମଣ୍ଡଳ । ସୁନାମୀ, କାଟ୍ରିନା, ଫାଇଲିନ୍ ଓ ହୁଡ଼୍‌ହୁଡ଼୍ ଜରିଆରେ ଚେତେଇ ବି ଦେଲାଣି । ବିଶ୍ୱକୁ ସମୁଦ୍ରର ଅନୁପମ ଦାନ ବୋଲି କୁହାଯାଉଥିବା ପ୍ରବାଳ ପ୍ରାଚୀର ବା କୋରାଲ ରିଫ୍ ଲୋପ ପାଇବାକୁ ବସିଲାଣି । ସାମୁଦ୍ରିକ ଭୂପୃଷ୍ଠର ଉତ୍ତାପ ବିପଦ ସଙ୍କେତରେ ବହୁ ଉପରକୁ ଅତିକ୍ରମ କରିସାରିଛି । ଫଳରେ ଅଧିକାଂଶ ସ୍ଥାନରେ ସମୁଦ୍ରର ଜଳ ପତ୍ତନ ବୃଦ୍ଧି ପାଇଛି । ସାମୁଦ୍ରିକ ସ୍ରୋତ ଗତିପଥ ବଦଳେଇବା ସହିତ ତାହା ଅନେକ ସ୍ଥାନରୁ ତୀବ୍ରରୁ ତୀବ୍ରତର ହେଲାଣି । ଯାହାର ଫଳ ସ୍ୱରୂପ ଗୋଟିଏ ପରେ ଗୋଟିଏ ସାମୁଦ୍ରିକ ବିପ୍ଳବ ଜନଜୀବନକୁ ବ୍ୟତିବ୍ୟସ୍ତ କରିବାରେ ଲାଗିଛି । ସମୁଦ୍ରର ଉତ୍ତାଳ ଢେଉ ନିକଟରେ ମଣିଷ କିଭଳି ଅସହାୟ ତାହା ଓଡ଼ିଶା ଉପକୂଳରେ ୧୯୯୯ରେ ସଂଗଠିତ ମହାବାତ୍ୟାରୁ ଦେଖିବାକୁ ମିଳିଛି ।

ଆମ ଦେଶର ଅମୃତ ସଞ୍ଜିବନୀ କୁହାଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଦି ଯଦି ପଥହରା ଶୁଷ୍କ ଓ ବନ୍ଧ୍ୟା ତା'ହେଲେ ତାହାର ଏକମାତ୍ର କାରଣ ହେଉଛି ସାମୁଦ୍ରିକ ପରିବେଶର ଅସନ୍ତୁଳନ । ଆଉ ଦୁଃଖ ପରିତାପ ତଥା ଉଦ୍‌ବେଗ ସହିତ ଏକଥା କୁହାଯାଇପାରିବ ଯେ ସାମୁଦ୍ରିକ ପରିବେଶର ଏଭଳି ଅପ୍ରତ୍ୟାଶିତ ଅସନ୍ତୁଳନ ଲାଗି ଆମେ ବିଂଶ ଶତାବ୍ଦୀର ସଚେତନ ମଣିଷମାନେ ହିଁ ଦାୟୀ ।

### ଉଦ୍‌ବେଗର ଆରମ୍ଭ ...

ଜଳ ଉତ୍ସକୁ ବାଦ୍ ଦେଇ ମାନବ ସଭ୍ୟତାର ବିକାଶ ସମ୍ଭବ ନୁହେଁ । ଏକଥା ଯିଏ କେହିବି ସ୍ୱୀକାର କରିବ । ଅର୍ଥାତ୍ ଜଳ ପରିବେଶ ଯଥା ନଦୀ, ହ୍ରଦ, ସାଗର ମହାସାଗର ସହିତ ମଣିଷର ସଂପର୍କ କାହିଁ କେଉଁ ଆବାହମାନ କାଳରୁ । ତେବେ ଅଚାନକ ଏହି ଜଳ ପରିବେଶ କାହିଁକି ପ୍ରଦୂଷିତ ହୋଇଗଲା ଆଉ କେବେଠୁ ମଣିଷ ସେହି ଅବିବେକୀ କାର୍ଯ୍ୟ ସହିତ ନିଜକୁ ସମୀଲ୍ କରିଦେଲା ତାର ପ୍ରମାଣ ମିଳେନାହିଁ । ହେଲେ ଏକଥା ଜାଣିବାକୁ ମିଳେ ଯେ ପଚାଶ ଦଶକ ପରଠାରୁ ମାନବ ଜଳ ମଣ୍ଡଳର ସ୍ୱଚ୍ଛତା ନେଇ ଚିନ୍ତା ପ୍ରକଟ କରିଆସୁଛି । ଜାତିସଂଘ ସୃଷ୍ଟି ହେବା ପରେ ସମୁଦ୍ରର ସୁରକ୍ଷା ପ୍ରସଙ୍ଗ ଅଧିକ ଥର ଉଠିଛି । ବିଶେଷଜ୍ଞମାନେ ସ୍ପଷ୍ଟ ସୂଚାଇ ଦେଇଛନ୍ତି ଯେ, ସମୁଦ୍ରର ବି ରହିଛି ଏକ ସହ୍ୟ କରିବାର ସୀମା, ନା ଏହା ଅସୀମ ନା ଏହାର ଶକ୍ତି ଅପରିସୀମ । ଗୋଟିଏ ନିର୍ଦ୍ଦିଷ୍ଟ ସୀମାରେଖା ଟପିଗଲେ ବି ଏହା ଉଦ୍‌କ୍ଷିପ୍ତ ହୁଏ । ଏହାର ପରିବେଶ ପ୍ରଦୂଷିତ ହୁଏ, ଯାହାର ସୁଦୂର ପ୍ରସାରୀ କୁପଭ୍ରାବ ଜୀବଜଗତ ଉପରେ ପଡ଼େ ।

### ମିଳୁନି ଇଲିଶି

ଦିନ ଥିଲା ପୁରୀ ଜିଲ୍ଲାର କାକଟପୁର, ଅସ୍ତରଂଗ, ବାଲେଶ୍ୱର ଓ ଜଗତସିଂହପୁର ଜିଲ୍ଲାର ମୁହାଣ ନିକଟବର୍ତ୍ତି ଅଂଚଳରୁ ପ୍ରଚୁର ଇଲିଶି ଧରା ପଡୁଥିଲେ । ବର୍ଷା ଓ ଶୀତ ଋତୁରେ ଇଲିଶି ପରିମାଣ ବଢୁଥିଲା । ଏବେ ଏହା ବିଗତ କିଛି ବର୍ଷ ଧରି ମିଳୁନାହିଁ । ପରିମାଣ ଯଥେଷ୍ଟ ହ୍ରାସ ପାଇଛି ବୋଲି ମତ୍ସ୍ୟଜୀବି ମହିଳାମାନେ କହିଛନ୍ତି ।

ସମୁଦ୍ର ଆଉ ନଦୀର ଜଳ ଦିନକୁ ଦିନ ପ୍ରଦୂଷିତ କାରଣରୁ ଏହି ସୁସ୍ୱାଦୁ ଇଲିଶି ମାଛ କମି ଯାଇଥିବା କୁହାଯାଉଛି । ଟ୍ରଲର ଗୁଡ଼ିକର ଅବାଧ ଯାତାୟତ ମଧ୍ୟ ଇଲିଶି ବଂଶ କ୍ଷୟର ଏକ କାରଣ ।

ସୁସ୍ୱାଦ କାରଣରୁ ବଜାରରେ ଇଲିଶି ମାଛ କେଜି ପ୍ରତି ୩୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରୀ ହୋଇଥାଏ । ମାଛ ସଂଖ୍ୟା ହ୍ରାସ ଉପକୂଳ ଓଡ଼ିଶାର ମତ୍ସଜୀବିଙ୍କ ଜୀବିକା ଉପରେ ଏକ ସଶକ୍ତ ପ୍ରହାର ବୋଲି ସାମୁଦ୍ରିକ ମତ୍ସଜୀବି ମହାସଂଘ ପକ୍ଷରୁ କୁହାଯାଇଛି ।

### କଇଁଛଙ୍କ କବରଖାନା ପାଲଟିଛି ବେଳାଭୂମି

ଓଡ଼ିଶା ବେଳାଭୂମିରେ ତାର ପ୍ରିୟ ଖାଦ୍ୟ ଜେଲିଫିସ୍ ପାଇଁ କଇଁଛଙ୍କ ଆଗମନ ଘଟିଥାଏ । ଏବେ ଏହି ଖାଦ୍ୟ ଆଉ ମିଳୁନାହିଁ । ପ୍ରଦୂଷିତ ସମୁଦ୍ରଜଳରେ ଜେଲି ଫିସ୍ ସଂଖ୍ୟା ବଢୁନଥିବାରୁ ଖାଦ୍ୟ ସଙ୍କଟର ସାମ୍ନା କରୁଛନ୍ତି କଇଁଛମାନେ । ପାରାଦୀପ ବନ୍ଦର ଓ ଧାମରା ବନ୍ଦରର କୋଳାହଳପୂର୍ଣ୍ଣ ବାତାବରଣ ଓ ଅବାଧ ଜନବସତି କାରଣରୁ କଇଁଛମାନେ ଅଣ୍ଡା ଦେବାପାଇଁ ସ୍ଥାନ ବଦଳାଉଥିବା ଜଣାପଡ଼ିଛି । ଚଳିତ ବର୍ଷ ଅସ୍ତରଙ୍ଗ ମୁହାଣରେ ରେକର୍ଡ଼ ସଂଖ୍ୟକ କଇଁଛ ପହଞ୍ଚିଥିବାବେଳେ ଟ୍ରଲର ମାଡ଼ରେ ଶହ ଶହ କଇଁଛ ଛୁଆ ମରିପଡ଼ିଥିବା ଦେଖିବାକୁ ମିଳୁଛି ।

### ସମୁଦ୍ର ଉପରେ ଆମେ କେତେ ନିର୍ଭରଶୀଳ

ରାଜ୍ୟରେ ୪୮୦୦କି.ମି ଅଂଚଳ ହେଉଛି ଉପକୂଳ ଅଂଚଳ । ବାଲେଶ୍ୱର ଠାରୁ ଗୋପାଳପୁର ଯାଏ ଲମ୍ୱିଛି ସମୁଦ୍ର । ବାଲେଶ୍ୱର ଠାରୁ ଗୋପାଳପୁର ଯାଏ ଲମ୍ୱିଛି ସମୁଦ୍ର । ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ସମୁଦ୍ରର ଉପସ୍ଥିତି ରହିଛି । ୨୦ରୁ ଉର୍ଦ୍ଧ୍ୱ ବ୍ଲକର ଅର୍ଥନୀତି ପର୍ଯ୍ୟଟନ, ଧର୍ମଧାରଣା ଓ ବିଶ୍ୱାସ ସହିତ ସମୁଦ୍ରର ନିବିଡ଼ ସଂପର୍କ ରହିଛି ।

ପରିସଂଖ୍ୟାନ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ୮୦ପ୍ରତିଶତ ଲୋକ ପ୍ରତ୍ୟକ୍ଷ ଭାବେ ସମୁଦ୍ର ଉପରେ ନିର୍ଭରଶୀଳ । ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ଲୋକ ଉପକୂଳ ଯୋନ୍‌ରେ ବସବାସ କରନ୍ତି । ସାମୁଦ୍ରିକ ସାମଗ୍ରୀ ଏମାନଙ୍କ ଦୈନନ୍ଦିନ ଜୀବନର ପ୍ରଧାନ ଅବଲମ୍ୱନ । ଅମ୍ଳଜାନ ଉଦ୍‌ଗୀରଣ କରି ସାମଗ୍ରିକ ବାତାବରଣକୁ ସନ୍ତୁଳନ ରଖିବା ସମୁଦ୍ରର ଏକ ବଡ଼ ଦାନ ମଣିଷ ସମାଜ ପାଇଁ ।

ସମୁଦ୍ର ପର୍ଯ୍ୟଟନ ଏବେ ବି ଶ୍ରେଷ୍ଠ ହୋଇ ରହିଛି । ଆମ ରାଜ୍ୟର ତାଳସାରୀ, ଚାନ୍ଦିପୁର, ଜାହାନିଆ, ପୁରୀ, ଗୋପାଳପୁର ବେଳାଭୂମି ପର୍ଯ୍ୟଟନ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ହଜାର ହଜାର ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏଥିରୁ ଜୀବିକା ପାଇପାରିଥାନ୍ତି ।

### କୂଳ ଲଂଘୁଛି ସମୁଦ୍ର

ସମୁଦ୍ର ଦ୍ୱାରା ଉପକୂଳ କ୍ଷୟର ପ୍ରକୋପ ଭୋଗିଛି ସାତଭାୟା । ସାତଭାୟା ଖଣ୍ଡର ପାଞ୍ଚଟି ଗାଁକୁ ସମଦ୍ର ଗ୍ରାସ କରିସାରଛି ।

ସମୁଦ୍ର ପ୍ରକୋପରୁ ନିଜକୁ ବଞ୍ଚାଇବା ପାଇଁ ଦୁଇଟି ଗାଁ ବିଗତ ୨୦ବର୍ଷ ଧରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସାତଭାୟା ଖଣ୍ଡ ସମୁଦ୍ର ମାଡ଼ରେ ଭୂଗୋଳରୁ ନିଶ୍ଚିହ୍ନ ହେବାକୁ ଯାଉଥିବାବେଳେ ପେଣ୍ଠ ଉପକୂଳର ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ପ୍ରଥମ କରି ଜିଓ ସିନ୍ଥେଟିକ୍ ୱାଲ୍ ବିଛାଇ ଢେଉକୁ ଅଟକାଇବାର ପ୍ରୟାସ କରିଛନ୍ତି ।

ରାଜନଗର ବ୍ଲକର ସମୁଦ୍ର କୂଳବର୍ତ୍ତି ଗ୍ରାମଗୁଡ଼ିକରେ ଆର୍‌ସିଡିସି ପ୍ରବର୍ତ୍ତନାରେ ଗଢ଼ାଯାଇଥିବା ସାହି ପରିବର୍ତ୍ତନ କମିଟି ଓ ଗ୍ରାମ ପରିବର୍ତ୍ତନ କମିଟି ପକ୍ଷରୁ ହେନ୍ତାଳ ପ୍ରଜାତିର ବନୀକରଣ ଓ ସୁରକ୍ଷା ଦିଗରେ ବିଗତ ତିନିବର୍ଷ ଧରି ଉଦ୍ୟମ ଆରମ୍ଭ ହେଇଛି । ସାମୁଦ୍ରିକ ତଟକ୍ଷୟ ଆଟଲାସ୍‌ରେ ଚିହ୍ନିତ ରାଜ୍ୟର ବେଳାଭୂମିଗୁଡ଼ିକ ଏବେ ହେନ୍ତାଳ ଶୂନ୍ୟ ଓ ମୁକୁଳା ହୋଇଯାଇଥିବାରୁ ଏ ଦିଗରେ ବ୍ୟାପକ ପ୍ରୟାସ ହେବା ଉଚିତ ।

ସାମୁଦ୍ରିକ ଘୂର୍ଣ୍ଣିଝଡ଼ ବାତ୍ୟା ଓ ମହାବାତ୍ୟାର ବିପଦ ଟାଳିବା ପାଇଁ ବେଳାମାର୍ଗରେ ବ୍ୟାପକ ଝାଉଁ ଜଙ୍ଗଲ ଓ ହେନ୍ତାଳ ବନୀକରଣ ଯୋଜନା ଅଟକିଛି ନଥିରେ । ଅନେକ ଝାଉଁ ଜଙ୍ଗଲ ଏବେ ଖୋଲା ପଡ଼ିଆ ହୋଇ ରହିଛି ।

ଜଳବାୟୁ ବଦଳୁଛି । ତାପମାତ୍ରାରେ ସୃଷ୍ଟି ହୋଇଛି ଅସ୍ୱାଭାବିକ ପରିବର୍ତ୍ତନ । ବାୟୁମଣ୍ଡଳ ଉତ୍ତପ୍ତ ହେଲେ ପୟୋଧୀ ରଚିପାରେ ପ୍ରଳୟ । ସମୁଦ୍ରର ଜଳ ପତ୍ତନ ଯଦି ଗୋଟିଏ ମିଟର ବଢ଼େ ତେବେ ବାଲେଶ୍ୱର, ପୁରୀ, ଜଗତସିଂହପୁର ଓ ଗଞ୍ଜାମର ଅନେକ ଜନପଦ ଜଳ ସମାଧି ନେବ । ସମୁଦ୍ର ସୁରକ୍ଷା ପାଇଁ ଆନ୍ତର୍ଜାତୀୟ ସହଯୋଗ ଓ ଚୁକ୍ତିନାମା ଅପରିହାର୍ଯ୍ୟ ।

# କ୍ୟାମେରା ଟ୍ରାପିଂ ଓ ବାଘ ଗଣତି ବିବାଦ

ରାଜ୍ୟରେ କେତେ ବାଘ ଅଛନ୍ତି ? ଏହି ସଂଖ୍ୟା ୨୮ ନା ୬୦ । କେନ୍ଦ୍ର ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ରାଜ୍ୟ ବନବିଭାଗର ଭିନ୍ନ ଭିନ୍ନ ତଥ୍ୟ । କେନ୍ଦ୍ର ଓଡ଼ିଶାରେ ୨୮ବାଘ ଥିବା କହୁଥିବାବେଳେ ଭିନ୍ନ ଏକ ପଦ୍ଧତିରେ ଗଣନା କରି ରାଜ୍ୟ କେନ୍ଦ୍ରର ଭୁଲ୍ ଦର୍ଶାଇଛି । ଓଡ଼ିଶା ବନବିଭାଗର ଅଧିକାରୀ ମାନେ କହୁଛନ୍ତି ଯେ ରାଜ୍ୟର ଶିମିଳିପାଳ ଓ ସାତକୋଶିଆ ଦୁଇ ଅଭୟାରଣ୍ୟରେ ଅଛନ୍ତି ୪୦ ବାଘ । ଆଉ ୨୦ ଅଛନ୍ତି ଜଙ୍ଗଲରେ । ମୋଟ ୬୦ ବାଘ ଅଛନ୍ତି ରାଜ୍ୟରେ । ପ୍ରକୃତ ସଂଖ୍ୟା ଆକଳିତ ପାଇଁ ଭିନ୍ନ ଭିନ୍ନ ପଦ୍ଧତି ନିଆଯାଉଛି । କ୍ୟାମେରା ଟ୍ରାପ୍ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛି ରାଜ୍ୟ । ପଦ୍ଧତିର ଭୁଲ୍ ନା ଅଧିକାରୀଙ୍କ ଭୂଲ୍ ସ୍ପଷ୍ଟ ହୋଇପାରୁନାହିଁ ।

କ୍ୟାମେରା ଟ୍ରାପ୍ ପରେ ୨୮ଟି ବାଘ ଥିବା ରିପୋର୍ଟ ଦେଇଥିଲେ କେନ୍ଦ୍ର ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ । ପରେ ରାଜ୍ୟ ସରକାର ଏହାକୁ ଅସ୍ୱୀକାର କରିଥିଲେ । ଗଣନା ସରିନଥିବା ବେଳେ କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟକୁ ଚ୍ୟାଲେଞ୍ଜ କରାଯିବ ବୋଲି ପ୍ରିନ୍ସିପାଲ କଞ୍ଜରଭେଟର ଅଫ୍ ଫରେଷ୍ଟ କହିଥିଲେ । ଇତି ମଧ୍ୟରେ ସରକାରଙ୍କ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟ, ସାତକୋଶିଆ ଅଭୟାରଣ୍ୟ ସମେତ ହଦଗଡ଼, ଦେବଗଡ଼ ଭଳି ଜଙ୍ଗଲରେ ବାଘ ଗଣନା କରାଯାଇଥିଲା । ଗଣନା ମୁତାବକ ପ୍ରଥମେ ରାଜ୍ୟ ବନ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ବାଘର ପରିସଂଖ୍ୟାନ ତଥ୍ୟ ଦିଆଯାଇଥାଏ । ସେହି ତଥ୍ୟକୁ କେନ୍ଦ୍ରୀୟ କର୍ତ୍ତୃପକ୍ଷ ସାଟେଲାଇଟ୍ ଇମେଜ୍ ମାଧ୍ୟମରେ ଅନୁଧ୍ୟାନ କରନ୍ତି । ଏହାପରେ ସେହି ତଥ୍ୟ ଆଧାରରେ ବିଭିନ୍ନ ସ୍ଥାନରେ କ୍ୟାମେରା ଖଞ୍ଜି ବାଘର ଚିତ୍ର ଉତ୍ତୋଳିତ କରାଯାଏ । ଚଳିତ ବର୍ଷ ବାଘ ଗଣନାରେ ମଧ୍ୟ ସେହି ପ୍ରକ୍ରିୟା ଗ୍ରହଣ କରାଯାଇଥିଲା । ବାଘ ଗଣନା ପାଇଁ କ୍ୟାମେରା ଟ୍ରାପିଂ ଶେଷ ହୋଇ ନଥିବା ବେଳେ କେନ୍ଦ୍ର ସରକାର ରିପୋର୍ଟ ପ୍ରକାଶ କରିଥିଲେ । ଯେଉଁଥିରେ କି ରାଜ୍ୟରେ ୨୮ଟି ବାଘ ଥିବା ଦର୍ଶାଯାଇଥିଲା । ଯାହାକୁ ନେଇ ବିରୋଧ ହେଲା । କେନ୍ଦ୍ର ସରକାରଙ୍କ ତଥ୍ୟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ରାଜ୍ୟ ବନବିଭାଗ ପକ୍ଷରୁ ପୁଣିଥରେ ଗଣତି କରାଗଲା ବାଘ । ରାଜ୍ୟରେ ୨୮ ନୁହଁ ୬୦ଟି ବାଘ ଥିବା ଓଡ଼ିଶା ବନ ବିଭାଗ ଦାବି କରି ନୂତନ ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ଦିଆଯାଇଛି । କେନ୍ଦ୍ରରୁ ଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି । ତେବେ ରାଜ୍ୟର ପରିବେଶବିତ୍‌ମାନେ ଓଡ଼ିଶାର ଜଙ୍ଗଲରେ ପ୍ରକୃତ ବାଘ ସଂଖ୍ୟାକୁ ନେଇ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ।

ରାଜ୍ୟ ସରକାର ପଗ୍‌ମାର୍କ ସର୍ଭେ ପଦ୍ଧତିରେ ବାଘ ଗଣନା କରିଆସୁଥିବା ବେଳେ କେନ୍ଦ୍ରର କ୍ୟାମେରା ଟ୍ରାପିଂ ପଦ୍ଧତି ଗଣନାକୁ ଓଲଟପାଲଟ କରି ପକାଇଥିବା କୁହାଯାଉଛି ।

## କ୍ୟାମେରା ଟ୍ରାପିଂରେ ଗଣନା କେତେ ଠିକ୍ ଓ କେତେ ଭୁଲ୍

୨୦୦୪-୨୦୦୫ ମସିହାରେ ଜାତୀୟ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ଓ ଡେରାଡୁନସ୍ଥିତ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥା ମିଳିତ ଭାବେ ବାଘ ଗଣନା ପାଇଁ କ୍ୟାମେରା ଟ୍ରାପିଂ ପଦ୍ଧତିର ପ୍ରୟୋଗ ପାଇଁ ଚିନ୍ତା କଲେ । ୨୦୦୬ ମସିହାରେ ପ୍ରଥମ କରି ବାଘ ଗଣନା ପାଇଁ ବ୍ୟବହାର କରାଯାଉଥିବା କ୍ୟାମେରା ଟ୍ରାପ ପଦ୍ଧତିର ଫଳାଫଳ ସାରା ଦେଶରେ ହଇଚଇ ସୃଷ୍ଟି କରିଦେଲା । ପୂର୍ବରୁ ଦେଶରେ ପାଦଚିହ୍ନ ଗଣନା ମୁତାବକ ବାଘ ସଂଖ୍ୟା ୩୬୪୨ ଦର୍ଶାଯାଇଥିବା ବେଳେ ନୂଆ ପଦ୍ଧତିରେ ଏହି ସଂଖ୍ୟା ୧୪୧୧କୁ ଖସିଆସିଲା । ୨୦୦୪ରେ ଓଡ଼ିଶାରେ ପାଦ ଚିହ୍ନ ଅନୁସରଣ ପଦ୍ଧତି ଦ୍ୱାରା ହୋଇଥିବା ଗଣନା ଅନୁସାରେ ୬୦ଟି ବାଘ ଛୁଆ ସହିତ ମୋଟ ୧୯୨ଟି ବାଘଥିବାର ଜଣାପଡ଼ିଥିଲା ବେଳେ ୨୦୦୬-୨୦୦୮ ମସିହାରେ କ୍ୟାମେରା ଟ୍ରାପ୍ ପଦ୍ଧତି ଗଣନାରେ ମାତ୍ର ୪୫ଟି ବାଘ (ବାଘ ଛୁଆକୁ ବାଦ୍‌ଦେଇ) ଅଛନ୍ତି ବୋଲି ରିପୋର୍ଟ ପ୍ରକାଶିତ ହେଲା । ସେହିପରି ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୧୦୧ଟି ବାଘ (୬୯ଟି ବୟସ୍କ ବାଘ, ୩୨ଟି ଛୁଆବାଘ) ଥିବାର କୁହାଯାଇଥିବା ବେଳେ ନୂଆ ପଦ୍ଧତିରେ ଏଠାରେ ମାତ୍ର ୨୦ଟି ବାଘ ଥିବାର ଜଣାପଡ଼ିଲା ।

କ୍ୟାମେରା ଟ୍ରାପ୍ ପଦ୍ଧତିରେ ଗଣନା କାର୍ଯ୍ୟ ଚାରିଟି ସୋପାନରେ ସମାହିତ ହୋଇଥାଏ । ପ୍ରଥମ ସୋପାନରେ ପ୍ରତି ବିଟ୍‌ରୁ ତଥ୍ୟ ସଂଗ୍ରହ କରାଯାଏ । ବାଘ ନା ଚିତାବାଘ, କେବେ କେଉଁଠି ଦେଖାଯାଇଥିବା ଖବର ଥିଲା, ତୃଣଭୋଜୀ ପ୍ରାଣୀ ମାରିଥିଲା କି ? ଗଛରେ ମାଟିରେ ରାମ୍ପୁଡ଼ା ଦାଗ ଥିବା ଦେଖାଯାଇଛି କି ? ମଳ ମୂତ୍ର ଲୋମ ପଡ଼ିଥିବା ଦେଖାଯାଇଛି କି ? ଏସବୁ ସଂଗ୍ରହ କରାଯାଏ । ଜଙ୍ଗଲ ଭିତରେ ୨ କିଲୋମିଟର ଲମ୍ବ ସରଳ ରୈଖିକ ଟ୍ରାନ୍‌ଜେକ୍ଟରେ ସର୍ଭେ କଲାବେଳେ ଦୁଇପଟେ ଦେଖିବାକୁ ମିଳୁଥିବା ଉପରୋକ୍ତ ସାଙ୍କେତିତ ଚିହ୍ନ ଏବଂ ତାହା ସହିତ ବନ୍ୟଜନ୍ତୁ ମାନଙ୍କର ମଳ ବା ମୂତ୍ରର ଅଂଶ ବିଶେଷ ଦେଖିବାକୁ ମିଳିଲେ ମଧ୍ୟ ତା'ର ବିବରଣୀ ସଂଗ୍ରହ କରାଯାଏ ।

ଦ୍ୱିତୀୟ ସୋପାନରେ ସାଟେଲାଇଟ୍ ଫଟୋ ଚିତ୍ରରୁ ବାଘର ସମ୍ଭାବ୍ୟ ଆବାସସ୍ଥଳୀରେ ଥିବା ଜଙ୍ଗଲର କିସମ, ପ୍ରକାର ଭେଦ, ସାନ୍ଦ୍ରତା ଏବଂ ଉକ୍ତ ଜଙ୍ଗଲାଞ୍ଚଳରେ ଥିବା ଜନବସତି ଓ ଖଣି ଖାଦାନ ଆଦି ସଂପର୍କରେ ଅନୁଶୀଳନ କରାଯାଏ । ଡେରାଡୁନ୍ ସ୍ଥିତ ବନ୍ୟପ୍ରାଣୀ ସଂସ୍ଥାର ବିଶେଷଜ୍ଞମାନେ ଆସି କ୍ୟାମେରା ବସାଯିବା

ନିମେନ୍ତ ସ୍ଥାନ ଚିହ୍ନଟ କରି, ସେଠିକାର ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ଅନୁଶୀଳନ କରିଥାନ୍ତି। ଏହାପରେ ସାଟେଲାଇଟ୍ ଫଟୋ ଚିତ୍ରରୁ ସମ୍ଭାବ୍ୟ ଆବାସସ୍ଥଳୀ ଗୁଡ଼ିକରେ ଥିବା ଜଙ୍ଗଲର ସାନ୍ଦ୍ରତା ଓ ସେଠାରେ ମିଳିଥିବା ସାଙ୍କେତିକ ଚିହ୍ନଗୁଡ଼ିକର ପ୍ରକୃତି ଓ ପରିମାଣକୁ ବିଚାରକୁ ନେଇ ଏହି ସବୁ ସ୍ଥାନଗୁଡ଼ିକ ଉତ୍ତମ, ମଧ୍ୟମ ଓ ନିମ୍ନମାନର ଭାବେ ଶ୍ରେଣୀଭୁକ୍ତ କରାଯାଏ। ପ୍ରତ୍ୟେକ ଶ୍ରେଣୀ ପାଇଁ ଏକ ନିର୍ଦ୍ଦିଷ୍ଟ ମାନକ ବ୍ୟବହାର ହୋଇଥାଏ।

ତୃତୀୟ ସୋପାନ ବା ସ୍ତରରେ କାପ୍‌ଚର ଓ ରିକାପ୍‌ଚର ପଦ୍ଧତିରେ ନମୁନା ସର୍ବେକ୍ଷଣ ନିମନ୍ତେ ବାଘ ବା ଚିତାବାଘର ଯାତାୟତ ରାସ୍ତାର ଦୁଇପଟେ ସାମନା ସାମନି ହଳେ କ୍ୟାମେରା ବସାଯାଏ। ଚିହ୍ନଟ କରାଯାଇଥିବା ସ୍ଥାନ ମାନଙ୍କର ଏହିପରି ଅନେକ ହଳ କ୍ୟାମେରା ଲଗାଯାଏ। କ୍ୟାମେରାଗୁଡ଼ିକ ଇନ୍‌ଫ୍ରା ରେଡ୍ ପରିଚାଳିତ ହୋଇଥିବାରୁ ଏହାର ସମ୍ମୁଖ ଦେଇ ପତ୍ରଟିଏ ପଡ଼ିଗଲେ ବି ଫଟୋ ଉଠିଯାଏ।

ସାମନା ସାମନି ଦୁଇଟି କ୍ୟାମେରା ରଖାଯିବାର ଅର୍ଥ ହେଉଛି ବାଘ ବା ଚିତାବାଘଟିଏ ସେହି ବାଟ ଦେଇ ଗଲାବେଳେ ତାର ଦେହର ଉଭୟ ପାର୍ଶ୍ୱରେ ଥିବା କଳା କଳା ପଟା ଦାଗର ଚିତ୍ର ମିଳିପାରିବ। ବାଘ ବା ଚିତାବାଘକୁ ଚିହ୍ନଟ କରିବାରେ ସହାୟକ ହେବ। କ୍ୟାମେରାଗୁଡ଼ିକ ମାଟିଠାରୁ ଦେଢ଼ଫୁଟ ଉଚ୍ଚତାରେ ବସାଯିବାରୁ ଦେଢ଼ଫୁଟରୁ କମ୍ ଉଚ୍ଚତାର ବାଘ ଛୁଆଙ୍କ ଚିତ୍ର ଉତ୍ତୋଳିତ ହୋଇପାରିବ ନାହିଁ। ଭବିଷ୍ୟତରେ ବାଘମାନଙ୍କ ବଂଶବୃଦ୍ଧି ସଂପର୍କୀୟ ତଥ୍ୟ ଏଥିରୁ ଅନୁଶୀଳନ କରଯାଇପାରିବ ନାହିଁ।

ଚତୁର୍ଥ ସ୍ତରରେ ସ୍ଥିରୀକୃତ ହୋଇଥିବା ନମୁନା ଅଂଚଳରେ ନିର୍ଦ୍ଦିଷ୍ଟ ଭାବେ କେତୋଟି ବାଘ ବାଘୁଣୀ ଅଛନ୍ତି ତାହା ଫଟୋ ଚିତ୍ରରୁ ଜଣାଯିବ। ଏହି ସଂଖ୍ୟାକୁ ନେଇ ପ୍ରଥମ ଓ ଦ୍ୱିତୀୟ ସ୍ତରରେ ମିଳିଥିବା ସାଂକେତିକ ଚିହ୍ନ, ତୃଣଭୋଜୀ ପ୍ରାଣୀମାନଙ୍କ ସଂଖ୍ୟା, ଆବାସସ୍ଥଳୀର ଘଞ୍ଚତାକୁ ନେଇ ସ୍ଥିର ହୋଇଥିବା ମାନକ ବା ଗୁଣିତକ ସାହାଯ୍ୟରେ ସମଗ୍ର ଅଞ୍ଚଳରେ ଥିବା ବାଘଙ୍କ ସଂଖ୍ୟା ଆକଳନ କରାଯାଇପାରିବ।

ପ୍ରଥମ ଓ ଦ୍ୱିତୀୟ ସ୍ତର ମଧ୍ୟ ମନୁଷ୍ୟକୃତ ଭୁଲ୍ ବା ତ୍ରୁଟି ପଶିଯାଇପାରେ। ଯେ କୌଣସି ପରିସଂଖ୍ୟାନ ନକ୍ସା ପ୍ରସ୍ତୁତ କରି ଆକଳନ କଲାବେଳେ, ଯଥେଷ୍ଟ ସଂଖ୍ୟକ ନମୁନା ଓ ନମୁନା ଗୁଡ଼ିକର ପ୍ରାକୃତିକ ବିସ୍ତାରଣ ଉପରେ ନିର୍ଭର କରିଥାଏ। ତଥ୍ୟ ସଂଗ୍ରହକାରୀଙ୍କ ନିଷ୍ଠା ଓ ସଚ୍ଚୋଟତା ଉପରେ ସଂଗୃହୀତ ତଥ୍ୟର ବିଶ୍ୱସନୀୟତା ଓ ଯଥାର୍ଥତା ଅନେକଟା ନିର୍ଭର କରିଥାଏ। ନୂତନ ପଦ୍ଧତିଟିର ସଫଳତା ଯଥେଷ୍ଟ ସଂଖ୍ୟକ ନମୁନା ସ୍ଥାନ ଚିହ୍ନଟ ଓ ବହୁଳ ତଥା ବିସ୍ତାରିତ ଭାବରେ କ୍ୟାମେରା ବ୍ୟବହାର କରିବା ଉପରେ ନିର୍ଭର କରେ। ପ୍ରତିଟି ନମୁନା ବିଟ୍ ଇଲାକାରେ ଅର୍ଥାତ୍ ପ୍ରତି ୧୫ବର୍ଗ କିଲୋମିଟର ଇଲାକାରେ ଉପଯୁକ୍ତ ମୂଲ୍ୟାୟନ ପାଇଁ ଅନ୍ତତଃ ତିନିହଳ ବା ଚାରିହଳ କ୍ୟାମେରା ବସାଯିବା ଦରକାର। ଏଥିପାଇଁ ବିପୁଳ ଅର୍ଥର ଆବଶ୍ୟକତା ଅଛି। କେନ୍ଦ୍ର ବ୍ୟାଘ୍ର ସଂରକ୍ଷଣ ପ୍ରାଧୀକରଣ ପକ୍ଷରୁ କମ୍ କ୍ୟାମେରା ଲଗାଯାଇ ବାଘ ସଂଖ୍ୟା ଗଣତିକୁ ରାଜ୍ୟ ବନବିଭାଗ ଅଧିକାରୀମାନେ ପ୍ରଶ୍ନ ଉଠାଇଥିଲେ।

ଓଡ଼ିଶାରେ ବାଘ ପଦ ଚିହ୍ନ ସର୍ଭେ ପଦ୍ଧତିକୁ ବରିଷ୍ଠ ବନ ବିଭାଗ ଅଧିକାରୀ ସ୍ୱର୍ଗତ ପଦ୍ମଶ୍ରୀ ସରୋଜ ରାଜ ଚୌଧୁରୀ ପ୍ରଥମେ ପ୍ରଚଳନ କରାଇଥିଲେ। ଏହି ପଦ୍ଧତି ଅବଲମ୍ୱନ କରି ୧୯୭୨ ମସିହାରେ ସାରା ଦେଶରେ ପ୍ରଥମଥର ପାଇଁ ବାଘ ଗଣନା କରାଯାଇଥିଲା। ପରବର୍ତ୍ତି ସମୟରେ ଏହା ଅନ୍ୟମାନଙ୍କ ଦ୍ୱାରା ମାର୍ଜିତ ହୋଇଥିଲା। ପାଦଚିହ୍ନରୁ ବାଘ ସଂଖ୍ୟା, ମାଇ କି ଅଣ୍ଡିରା, ପ୍ରାପ୍ତବୟସ୍କ ନା ଛୁଆ ଏ ସବୁ ଜଣାପଡ଼ିଥାଏ। କେଉଁ ଜଙ୍ଗଲରେ କେତୋଟି ବାଘ ପ୍ରତ୍ୟେକ ପୁରୁଷ ବାଘର ଟେରିଟୋରି, ପ୍ରତ୍ୟକ ପୁରୁଷ ବାଘ ଚଳ ପ୍ରଚଳ ଅଞ୍ଚଳରେ କେତୋଟି ମାଇବାଘ ଅଛନ୍ତି ଏହା ମଧ୍ୟ ପଗ୍ ମାର୍କରୁ ଜଣାପଡ଼େ। ତେବେ ଏହି ଗଣନା ଯେ ନିର୍ଭୁଲ୍ କହିହେବ ନାହିଁ।

ଏକଥା ସତ୍ୟ ଯେ ଓଡ଼ିଶାର ଜଙ୍ଗଲ ପରିସୀମା ଘଞ୍ଚତା, ସାନ୍ଦ୍ରତା କମୁଛି। ତା' ସହିତ ତାଳଦେଇ ବାଘ ସଂଖ୍ୟା ହ୍ରାସ ପାଇବାରେ ଲାଗିଛନ୍ତି। ଓଡ଼ିଶାରେ ବାଘ ସଂଖ୍ୟା ୬୦ ଥିବା ଦର୍ଶାଇ ବନବିଭାଗ ଉତ୍ସାହିତ ହେବାର କୌଣସି କାରଣ



ନାହିଁ। ୨୦୦୪ ମସିହାରେ ପଗ୍‌ମାର୍କ ସର୍ଭେରେ ୧୯୨ ବାଘ ଥିବାବେଳେ ୨୦୧୫ ରେ ଏହି ସଂଖ୍ୟା ଅଧାରୁ ବି କମ୍ ହେବା ଦିଗରେ ଆତ୍ମସମୀକ୍ଷା କରନ୍ତୁ ବନ ବିଭାଗ।

ଦେଶର ନବମ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଶିମିଳିପାଳ କୋର୍ ଅଂଚଳରେ ଅଖଣ୍ଡ ଶୀକାରକୁ ଏବେ ବି ପ୍ରତିହତ କରାଯାଇପାରିନାହିଁ। କୋର୍ ଅଂଚଳଠାରୁ ପାଖାପାଖି ୧୦୦ କିମି ଦୂରରେ ପାରମ୍ପରିକ ଶିକାରୀମାନଙ୍କୁ ତୀର ଚାଳନା ଶିକ୍ଷା ଦେଉଛି ବନ ବିଭାଗ ଏବଂ ପ୍ରଚାର କରୁଛି ଅଖଣ୍ଡ ଶିକାର ଋତୁରେ ଶିକାରୀମାନଙ୍କୁ ଜଙ୍ଗଲ ପ୍ରବେଶରେ ରୋକ୍ ଲଗାଯାଇଛି। ବିଗତ ୧୦ ବର୍ଷ ହେଲା ଶିମିଳିପାଳ ବନାଞ୍ଚଳରେ ବାଘ କୌଣସି ତୃଣଭୋଜୀ ପଶୁ ଉପରେ ଆକ୍ରମଣ କରିନାହିଁ।

ବାଘ-ମଣିଷ ବିବାଦ ନାହିଁ କି ବାଘର ହେଣ୍ଟାଳ ଶୁଣିବାକୁ ମିଳିନି। କେବେ ମାଓବାଦୀ ନାଁରେ ତ କେବେ ଜଳବାୟୁ ନାଁରେ କ୍ଷେତ୍ରୀୟ କର୍ମଚାରୀମାନେ ଜଙ୍ଗଲ ଭିତରକୁ ପଶୁନାହାନ୍ତି। ଗୁଳି ମାଉଜର ନେଇ ଆନ୍ତଃ ରାଜ୍ୟ ଶିକାରୀ ହାତୀ ଶୀକାର କରୁଥିବାବେଳେ ଅଯଥା ଗଣତିକୁ ନେଇ ଯୁକ୍ତିତର୍କରେ ମାତିବା ଅପେକ୍ଷା ସତ୍ୟ କଣ ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବା କେନ୍ଦ୍ର ଓ ରାଜ୍ୟର ମିଳିତ ଦାୟିତ୍ୱ ହେବା ଉଚିତ।

✧

# ଜଙ୍ଗଲ ଅଧିକାର ଆଇନ ବନାମ ଅନ୍ୟାନ୍ୟ ଆଇନ




ଜଙ୍ଗଲ ଅଧିକାର ଆଇନକୁ ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତିରାଜ ଆଇନ (ପେସା) ଭଳି ଏକ ଲୋକାଭିମୁଖୀ ତଥା ପ୍ରଗତିଶୀଳ ଆଇନ ଭାବେ ବିବେଚିତ କରାଯିବା ସହିତ 'ପେସା'ର ପରିପୂରକ ଭାବେ ମଧ୍ୟ ଦେଖାଯାଇଥାଏ । ତେବେ ଉଭୟଙ୍କ ଭିତରେ କେତେକ ଉଲ୍ଲେଖନୀୟ ପାର୍ଥକ୍ୟ ରହିଛି ଯଥା:

୧. 'ପେସା' ଆଇନ କେବଳ ପଞ୍ଚମ ଅନୁସୂଚୀ (ସମ୍ବିଧାନ) ଅନ୍ତର୍ଗତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ଯେତେବେଳେ କି ଜଙ୍ଗଲ ଅଧିକାର ଆଇନ ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ । ଅବଶ୍ୟ ସମ୍ବିଧାନର ଧାରା ୩୭୦ ଯୋଗୁଁ ଜାମ୍ମୁ ଓ କାଶ୍ମୀରରେ ଏହି ଆଇନ ଏ ପର୍ଯ୍ୟନ୍ତ ଲାଗୁ ହୋଇନାହିଁ, କିନ୍ତୁ ତା'କୁ ଲାଗୁ କରିବା ପାଇଁ ସେଠାରେ ଦାବି ଉଠିଛି ।

୨. 'ପେସା' ଆଇନ ଉଭୟ ରାଜସ୍ୱ- ତଥା ଜଙ୍ଗଲ ଜମି ପାଇଁ ପ୍ରଯୁଜ୍ୟ, କିନ୍ତୁ ଜଙ୍ଗଲ ଅଧିକାର ଆଇନ କେବଳ ଜଙ୍ଗଲ ଜମିରେ ହିଁ କାର୍ଯ୍ୟକାରୀ ହୋଇପାରିବ ।

୩. 'ପେସା' ଆଇନର ଅଞ୍ଚଳ ସୀମିତ ହେଲେ ମଧ୍ୟ ପରିପ୍ରେକ୍ଷୀ ବ୍ୟାପକ ଯାହାକି ଜଙ୍ଗଲ ଅଧିକାର ଆଇନରେ ଦେଖାଯାଏ ନାହିଁ । 'ପେସା'ରେ ଲଘୁ ବନଜାତ ଦ୍ରବ୍ୟ ବ୍ୟତୀତ ଜଳ ସମ୍ପଦ, ଲଘୁ ଖଣିଜ ଦ୍ରବ୍ୟ, ବଜାର ନିୟନ୍ତ୍ରଣ, ମଦକ ଦ୍ରବ୍ୟ ନିୟନ୍ତ୍ରଣ ଭଳି ଅନେକ ବିଷୟ ରହିଛି ।

୪. ତେବେ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ଭଳି ବନ୍ୟପ୍ରାଣୀ ସୁରକ୍ଷିତ ଅଞ୍ଚଳଗୁଡ଼ିକରେ ଜଙ୍ଗଲ ଅଧିକାର ପାଇଁ 'ପେସା'ରେ ସ୍ପଷ୍ଟ ବ୍ୟବସ୍ଥା ନଥିବା ବେଳେ ଜଙ୍ଗଲ ଅଧିକାର ଆଇନ କିନ୍ତୁ ଏ ସୁଯୋଗ ଦେଇଛି ।

୫. 'ପେସା' ଆଇନ ଲଘୁ ବନଜାତ ଦ୍ରବ୍ୟର ସଂଜ୍ଞା ନିରୂପଣ ନକରି ତା'ଉପରେ ମାଲିକାନାସ୍ୱତ୍ୱ ଗ୍ରାମସଭାକୁ ପ୍ରଦାନ କରିଛି, ତେବେ ଲଘୁବନଜାତ ଦ୍ରବ୍ୟ ନେଇ କୌଣସି ବାଛବିଚାର ରଖିନାହିଁ । ଜଙ୍ଗଲ ଅଧିକାର ଆଇନ ଲଘୁ ବନଜାତ ଦ୍ରବ୍ୟର ସଂଜ୍ଞା ନିରୂପଣ କରିଛି, କିନ୍ତୁ ମାଲିକାନା ଅଧିକାରକୁ ସୀମିତ ରଖିଛି କେବଳ ପରମ୍ପରା କ୍ରମେ ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ଉପରେ; ଅର୍ଥାତ୍ ଯଦି କୌଣସି ଲଘୁ ବନଜାତ ଦ୍ରବ୍ୟ ପରମ୍ପରା କ୍ରମେ ସଂଗୃହୀତ ନୁହେଁ, ତେବେ ତା' ପ୍ରତି ଏ ବ୍ୟବସ୍ଥା ପ୍ରଯୁଜ୍ୟ ନୁହେଁ ।

୬. ଜଙ୍ଗଲ ଅଧିକାର ଆଇନର ଧାରା ୧୩ରେ କୁହାଯାଇଛି ଯେ, ଏହି ଆଇନ ତଥା ପେସା ଆଇନରେ ଥିବା ବ୍ୟବସ୍ଥାମାନ ବର୍ତ୍ତମାନ ପ୍ରଚଳିତ ଥିବା ଅନ୍ୟ କୌଣସି ଆଇନଗତ ବ୍ୟବସ୍ଥାର ଅସମ୍ମାନ କରିବ ନାହିଁ, ବରଂ ସେସବୁ ବ୍ୟବସ୍ଥା ସହିତ ଯୋଡ଼ି ହୋଇଯିବ । ଏହାର ତାତ୍ପର୍ଯ୍ୟ ହେଉଛି ଜଙ୍ଗଲ ଅଧିକାର ଆଇନ ତଥା ପେସା ଆଇନ ଉଭୟେ ଅନ୍ୟାନ୍ୟ ପ୍ରଚଳିତ ଆଇନର ବିରୁଦ୍ଧାଚରଣ କରିବେ ନାହିଁ, ବରଂ ସେଗୁଡ଼ିକୁ ସଂପୂର୍ଣ୍ଣତା ଦେବା ପାଇଁ ସାହାଯ୍ୟ କରିବେ ।

ଏଇ ଧାରା ୧୩ର ବ୍ୟାପକ ପରିଣାମ ସମ୍ଭବପର । ଯଦିଓ ସଦିଚ୍ଛା ଓ ସବୁ ଉଦ୍ଦେଶ୍ୟରେ ଦିଆଯାଇଥିବା ଏକ ଆଦର୍ଶ ପ୍ରାବଧାନ ପରି ଏହା ଜଣାଯାଏ, କିନ୍ତୁ ଏହାର ସବୁପଯୋଗ ହେବାର ଆଶଙ୍କା ହିଁ ଅଧିକ ଯେହେତୁ ପେସା ଆଇନ ଅଥବା ଜଙ୍ଗଲ ଅଧିକାର ଆଇନ ଭଳି ପ୍ରଗତିଶୀଳ ବ୍ୟବସ୍ଥାକୁ ରକ୍ଷଣଶୀଳ ରାଜନୈତିକ ଓ ଅମଲାତନ୍ତ୍ରୀ ବ୍ୟବସ୍ଥା ସୁଦୃଷ୍ଟିରେ ଦେଖିନାହିଁ ଏବଂ ଏଗୁଡ଼ିକ ବିରୁଦ୍ଧରେ ହିଁ ସକ୍ରିୟ ରହିଆସିଛି ।

ଏବେ ଆସନ୍ତୁ ଦେଖିବା ଏ ଆଶଙ୍କା କେତେ ବାସ୍ତବ । ୨୦୧୦ମସିହାରେ ଯେତେବେଳେ ଆର୍‌ସିଡିସି ପକ୍ଷରୁ ଓଡ଼ିଶାରେ ଲାଭ-ନିର୍ଭର ସଂଗ୍ରହକାରୀ, ଚାଷୀ ତଥା ଶିଳ୍ପୀମାନଙ୍କ ସଂଘବଦ୍ଧ କରି ସେମାନଙ୍କର ସ୍ୱାର୍ଥରକ୍ଷା ତଥା ଜଙ୍ଗଲ ଅଧିକାର ଆଇନ ଦୃଷ୍ଟିରୁ ଲାଖକୁ କଟକଣା ମୁକ୍ତ କରାଯାଉ ବୋଲି ବନବିଭାଗର ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ ''ଜଙ୍ଗଲ ଅଧିକାର ଆଇନ ତା' ଜାଗାରେ ଥାଉ, ଆମେ ଆମ ଆଇନ ଅନୁସାରେ ଦେଖିବୁ,'' ତା' ପରେ ସେ କହିଲେ ଯେ ଓଡ଼ିଶା କାଷ୍ଠ ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ଅଭିବହନ ନିୟମାବଳୀ ୧୯୮୦ରେ ଲାଭ ବିନା ପରମିଟ୍‌ରେ ଯେ ଚାଲାଣ ହୋଇପାରିବ ନାହିଁ ବୋଲି କୁହାଯାଇଛି, ସରକାର ଚାହିଁଲେ ସେଥିରେ କିଛି ସଂଶୋଧନ କରି ନିୟମଟିକୁ କୋହଳ କରିଦେଇପାରନ୍ତି ଓ ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣ ସୀମା ପର୍ଯ୍ୟନ୍ତ ସୀମା ପର୍ଯ୍ୟନ୍ତ ଲାଖର ଚାଲାଣ ପାଇଁ ପରମିଟ ଆବଶ୍ୟକ ନାହିଁ ବୋଲି ସ୍ଥିର କରିପାରନ୍ତି । ତଦନୁଯାୟୀ ସରକାରଙ୍କୁ ପ୍ରସ୍ତାବ ଦିଆଗଲା ଯେ ବିହନ ଲାଖ ପାଇଁ ତଥା ଏକ କ୍ୱିଣ୍ଟାଲ ପର୍ଯ୍ୟନ୍ତ କାଠି ଲାଖ ପାଇଁ ପରମିଟ ଛାଡ଼ କରାଯାଉ । ସଂପୃକ୍ତ ଉଚ୍ଚ ପଦାଧିକାରୀ ଆଶ୍ୱାସନା ଦେଲେ ଯେ ସେ ଏହା ଉପରେ ସୁପାରିଶ ପଠାଇଛନ୍ତି । କିନ୍ତୁ ପ୍ରାୟ ୫ବର୍ଷ ଜିତିବାକୁ ଯାଉଛି, ଅଥଚ ବନ ବିଭାଗ ବା ସରକାର ସେ ପ୍ରସ୍ତାବକୁ ନେଇ କ'ଣ କଲେ, ତା' ଜଣାପଡ଼ିଲା ନାହିଁ ।

୨୦୧୩ ମସିହାରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରି ଏକ ଜନସ୍ୱାର୍ଥ ମାମଲା ସୁନ୍ଦରଗଡ଼ ଜିଲ୍ଲା ଖଣ୍ଡାଧାର ଅଂଚଳର ଏକ ସମବାୟ ସଂସ୍ଥା KHAF PDCO

ଆଗତ କରାଗଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଲାଖ ଏକ ଲଘୁ ବନଜାତ ପଦାର୍ଥ ହୋଇଥିଲେ ମଧ ଏବଂ ଅନୁସୂଚିତ ଅଞ୍ଚଳରେ ଗ୍ରାମ ପଞ୍ଚାୟତକୁ ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା ଅଧିକାର ରହିଥିଲେ ମଧ ସ୍ଥାନୀୟ ତାଲବାହାଲି ଗ୍ରାମ ପଞ୍ଚାୟତ (ଯାହା ଏକ ଅନୁସୂଚିତ ଅଞ୍ଚଳ) ଲାଖର ଚାଲାଣ ପାଇଁ ପରମିଟ ଦେବାକୁ ଅକ୍ଷମ ବୋଲି କହୁଛି (ସରକାରୀ ନିର୍ଦ୍ଦେଶ ଅଭାବରୁ) ଯାହା ବି ଚାଷୀମାନଙ୍କର ଲାଖର ଅବାଧ ବ୍ୟବସାୟୀକୁ ପ୍ରତିହତ କରୁଛି । ତେଣୁ ପ୍ରାର୍ଥନା କରାଯାଇଥିଲା କି ସଂପୃକ୍ତ ଗ୍ରାମସଭା ତଥା ଗ୍ରାମ ପଞ୍ଚାୟତକୁ ଆବଶ୍ୟକ ପରମିଟ ବ୍ୟବସ୍ଥା, କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ।

ଏ ମାମଲାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ମୁଖ୍ୟ ସଚିବ, ତଥା ସୁନ୍ଦରଗଡ଼ ଜିଲ୍ଲାପାଳ ପକ୍ଷଭୁକ୍ତ ହୋଇଥିଲେ । ଏ ମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାପାଳ ତଥା ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ମାନ୍ୟବର ନ୍ୟାୟାଳୟଙ୍କୁ ସୂଚିତ କରାଗଲା ଯେ ଆବେଦନକାରୀମାନେ ଗ୍ରାମପଞ୍ଚାୟତ ପାଖକୁ ନଯାଇ ବରଂ ସଂପୃକ୍ତ ଗ୍ରାମସଭାକୁ ପରମିଟ ପାଇଁ ଆବେଦନ କଲେ ପାଇପାରିବେ (ଜଙ୍ଗଲ ଅଧିକାର ଆଇନ ଅନୁସାରେ) । ଏହାର ପ୍ରାୟ ୪ମାସ ପୂର୍ବରୁ ଆଦିବାସୀ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଓତା ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ITDA)ର ପ୍ରକଳ୍ପ ପରିଚାଳନାଙ୍କୁ ଚିଠି ଲେଖିବ ନିର୍ଦ୍ଦେଶ ନେଇଥିଲେ ଯେ ଜଙ୍ଗଲ ଅଧିକାର ଆଇନ ତଥା ତା'ର ସଂଶୋଧନ ନିୟମାବଳୀ, ୨୦୧୨ ଅନୁଯାୟୀ ସ୍ଥାନୀୟ ଗ୍ରାମସଭାକୁ ଜଣାଇଦିଆଯାଇ ଯେ ଲାଖ ପାଇଁ ପରମିଟ୍ ଗ୍ରାମସଭା ହିଁ ଦେବ । ଏ ବିଷୟ ସଂପୃକ୍ତ ସମବାୟ ସଂସ୍ଥାକୁ ଜଣାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଥିଲା । କିନ୍ତୁ ଏ ନିର୍ଦ୍ଦେଶ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାର ଜଣାନାହିଁ । ସବୁଠାରୁ ବଡ଼ କଥା, ବନବିଭାଗ ଏବେ ମଧ୍ୟ କହୁଛି ଯେ ଲାଖ ପାଇଁ ପରମିଟ ସେମାନେ (ବନ ବିଭାଗ) ଦେବା ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନାହିଁ । ଫଳରେ 'କାହାର ଖେଳ, କାହାର କାଳ' ନ୍ୟାୟରେ ବିଭାଗମାନେ ତାଙ୍କ ଖେଳ ଖେଳୁଛନ୍ତି । କିନ୍ତୁ ଯେଉଁ ଚାଷୀ ଲାଖକୁ ନିଜ ପଟା ଜମିରେ ଉତ୍ପାଦନ କରୁଛି (ଜଙ୍ଗଲରୁ ଆଣୁ ନାହିଁ), ତା'କୁ ବି ପରମିଟ୍‌ଟିଏ ପାଇବାକୁ କେତେ ଅସୁବିଧା ଭୋଗିବାକୁ ପଡୁଛି ଯଦିଓ ନିଜ ପଟାଜମିର ଉତ୍ପାଦନ ପାଇଁ ଏଭଳି କଟକଣା ରହିବା ଉଚିତ ନୁହେଁ ।



କଳାହାଣ୍ଡି ଜିଲ୍ଲାର ଜାମଗୁଡ଼ା ଠାରେ ହିଁ ଜଙ୍ଗଲ ଅଧିକାର ଆଇନର ସମ୍ମାନ ରହିଛି ଯଦିଓ ରାଜନୈତିକ ଚାପ ଯୋଗୁଁ । ସେଠିକାର ଗ୍ରାମସଭା ସ୍ଥାନୀୟ ଜଙ୍ଗଲରୁ ବାଉଁଶ ବିକ୍ରି କରୁଛି ଓ ଚାଲାଣ ପାଇଁ ନିଜେ ପରମିଟ ଦେଉଛି । ପରମିଟ ବହିଟି ବନବିଭାଗ ସେମାନଙ୍କୁ ଦେଇଛି, ସେଥିରେ ବନବିଭାଗର ନାମ କାଟି ଜାମଗୁଡ଼ା ଗ୍ରାମସଭା ବୋଲି ଲେଖାଯାଉଛି ।

ମୋଟ ଉପରେ କହିବାକୁ ଗଲେ ବନବିଭାଗ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଉଦାର ହେବାକୁ ପ୍ରସ୍ତୁତ ଥିବା ପରି ମନେହୁଏ ନାହିଁ । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ମଧ୍ୟ ଏଇ ରକ୍ଷଣଶୀଳ ମାନସିକତା ବଶତଃ ଜଙ୍ଗଲ ଅଧିକାର ଆଇନକୁ ନାମକୁ ମଧ୍ୟ ଅନୁସରଣ କରିବାର ଚେଷ୍ଟା କରିଛି ।

୨୦୦୨ର ଜୈବବିବିଧତା ଅଧିନିୟମ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସଂଶୋଧିତ ହେବା କଥା, କିନ୍ତୁ ତା'ହୋଇନାହିଁ ।

ତଥାକଥିତ ବିକାଶମୂଳକ ପ୍ରକଳ୍ପ ପାଇଁ ଲୋକଙ୍କୁ ଜମି ନମିଳିବା ପୂର୍ବରୁ ଗ୍ରାମସଭାର ଅନୁମତି ଲୋଡ଼ା ବୋଲି ଜଙ୍ଗଲ ଅଧିକାର ଆଇନ ଯେଉଁ ନିୟମ ରଖିଥିଲା, ମୋଦି ସରକାର ପର୍ଯ୍ୟାୟକ୍ରମେ ତା'କୁ କୋହଳ କରିଲାଗିଲେଣି କାରଣ ତାଙ୍କ ଅନୁଯାୟୀ ଏସବୁ ଅନୁମତି ନେବା ପ୍ରକ୍ରିୟା ଅଯଥା ବାଧା ସୃଷ୍ଟି କରୁଛି ।

ତେଣୁ ଜଙ୍ଗଲ ଅଧିକାର ଆଇନର ବ୍ୟାପକ ପ୍ରଭାବକୁ ସଙ୍କୁଚିତ କରାଯିବାର ଚକ୍ରାନ୍ତ ଆରମ୍ଭ ହୋଇଛି ବୋଲି ସଙ୍କେତ ମିଳୁଛି । ଦେଖାଯାଉ, ଶେଷ ପର୍ଯ୍ୟନ୍ତ ଏହା କେଉଁ ଦିଗରେ ଯାଉଛି ।

✧

# ପରିବେଶ ଆନ୍ଦୋଳନର ସାର୍ଥକ ସାରଥୀ

ଯୋଗୀନାଥ ସାହୁ। ଲୋକେ ଜାଣନ୍ତି ଶ୍ରମୀକ ଯୋଗୀ ନାଁରେ। ନିରାଡ଼ମ୍ବର ସରଳ ଜୀବନ ଜୀଇଁଥିଲେ ଯୋଗୀ। ତାଙ୍କ ଜେଜେବାପା ଥିଲେ ଗାଁ ବଇଦ। ଜଙ୍ଗଲର ଜଡ଼ିବୁଟିର ଦିବ୍ୟଗୁଣ ଜାଣିଥିଲେ। ନୟାଗଡ଼ ଠାରୁ ରଣପୁର ଯାଏ କେତେ କେତେ ରୋଗୀଙ୍କୁ ସେ ଭଲ କରିଛନ୍ତି ତାହାର ସଂଖ୍ୟା କହିବା ମୁସ୍କିଲ୍। ସାମାଜିକ ଜୀବନରେ ଶ୍ରଦ୍ଧାର ପାତ୍ର ଥିଲେ। ଯୋଗୀନାଥଙ୍କ ବାପା ପଞ୍ଚମ ଯାଏ ପଢ଼ି ଅଧାରୁ ପାଠ ଛାଡ଼ି ବି ଅବଧାନ ହୋଇଥିଲେ। ଦକ୍ଷିଣୀ ଗୁରୁଙ୍କ ଠାରୁ ସଂକୀର୍ତ୍ତନ ଶିକ୍ଷାଲାଭ କରି ଗୁରୁ ଭାବେ ସମ୍ମାନ ପାଇଥିଲେ। ଶିକ୍ଷକତା ବୃତ୍ତିରେ ଥିବା ସେତେବେଳର ଚାକିରିଆ ମାନେ ମାସକୁ ୫ଟଙ୍କା ଦରମା ପାଉଥିବାବେଳେ ଯୋଗୀନାଥଙ୍କ ବାପା ସଂକୀର୍ତ୍ତନ ଶିଖାଇ ମାସକୁ ୭ଟଙ୍କା ପାଉଥିଲେ ।

୧୯୪୭ ଜାନୁଆରୀ ୧ରେ ଜନ୍ମିତ ଯୋଗୀନାଥ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍, ଆଇଏସ୍‌ସି, ସିଟି, ବିଏ ଏବଂ ବିଇଡି ଶିକ୍ଷା ଲାଭ କରି ୩୭ବର୍ଷର ଶିକ୍ଷକତା ବୃତ୍ତିକୁ ସଫଳତାର ସହ ନିର୍ବାହ କରିଥିଲେ। ଜଣେ ସଂଗଠକ ଭାବେ ଛାତ୍ର ଜୀବନରୁ ଗଢ଼ିଥିଲେ କିଶୋର କ୍ଲବ, ଶିଶୁ ରାଇଜ। ଅବସର ପରେ ‘ବୃକ୍ଷର ଓ ଜୀବର ବନ୍ଧୁ ପରିଷଦ’ ଗଢ଼ି ସକ୍ରିୟ ସମାଜସେବାକୁ ଓହ୍ଲାଇଥିଲେ। ‘ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘ’ ଗଢ଼ି ଗୋଷ୍ଠୀ ଜଙ୍ଗଲ ପରିଚାଳନା ଅଭିଯାନକୁ ସୁଦୂରପ୍ରସାରୀ କରିପାରିଥିଲେ।

ଶାନ୍ତ, ସରଳ ଓ ନିରାଡ଼ମ୍ବର ଜୀବନ ଜୀଉଁଥିବା ଯୋଗୀନାଥ ୨୦୧୫ ମଇ ୪ ତାରିଖ ଦିନ ହୃଦ୍‌ଘାତରେ ପରଲୋକ ପ୍ରାପ୍ତ ହୋଇଛନ୍ତି। ଜୀବନ ବ୍ୟାପୀ ମାନବିକତା ଗୁଣ ନିଭାଇ ଆସିଥିବା ଏହି ବିଶିଷ୍ଟ ପରିବେଶପ୍ରେମୀ ଆମ ପାଖରେ ଆଉ ନାହାଁନ୍ତି ସତ କିନ୍ତୁ ତାଙ୍କ କର୍ମମୟ ଜୀବନ ସୃଷ୍ଟି କରିଛି ଅନେକ ଯୋଗୀଙ୍କୁ। ଶିକ୍ଷକ କହିଲେ ଯେଉଁ ଚିତ୍ରକଳ୍ପ ମନକୁ ଆସେ ଯୋଗୀନାଥ ଥିଲେ ତାହାର ଏକ ସାର୍ଥକ ସାରଥୀ।







ଆମ ଜଙ୍ଗଲ ଆମର ୬୦

ମଇ -୨୦୧୫

RCDC


ସମ୍ପାଦନା :
ରିଜିଓନାଲ୍ ସେଣ୍ଟର୍ ଫର୍
ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଏଚ୍‌ଆଇଜି-୨୬, କେ-୬, ଫେଜ୍-୨
କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧୦୧୯
ଫୋନ୍-୦୬୭୪-୨୪୭୫୪୧୦, ୨୪୭୫୬୫୨

**ଆର୍.ସି.ଡି.ସି. ବଲାଙ୍ଗିର**
ଆଦର୍ଶପଡ଼ା, ରାଜେନ୍ଦ୍ର କଲେଜ ରୋଡ଼
ମାଇନିଂ ଅଫିସ ସମ୍ମୁଖ, ବଲାଙ୍ଗିର-୭୬୭୦୦୧
ଫୋନ୍-୦୬୬୫୨-୨୫୦୮୪୨

**ଆର.ସି.ଡି.ସି. ନବରଙ୍ଗପୁର**
ଗବ୍ରିଆଲ୍‌ଗୁଡ଼ା, ଭିଜିଲାନ୍‌ସ୍ ଅଫିସ୍ ନିକଟ
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨

**ଆର.ସି.ଡି.ସି. କୋରାପୁଟ**
ପ୍ଲଟ୍ ନଂ- ୬୦୮/୧୨
ଟିକିରା ରାସ୍ତା, ପ୍ରଥମ ଗଳି
କୋରାପୁଟ-୭୬୪୦୨୦

**କେବଳ ଘରୋଇ ପ୍ରସାରଣ ପାଇଁ**

ସହାୟତା

ICCO Innovative Change Collaborative
icco COOPERATION